

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୨୬ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 26 August 2026

Vol.No. 36 ■ No.224 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ରଥ ସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


# ପୁଲିସ-ଶିକ୍ଷାର୍ଥୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ: ବିକ୍ଷୋଭକାରୀଙ୍କ ଉପରେ ଲାଠି ଓ ପାଣି ମାଡ଼

ନୂଆଦିଲ୍ଲୀ,୨୫/୮ : ଦିଲ୍ଲୀ ଓ ଝାରଖଣ୍ଡ ପରେ ଏବେ ବିହାରରେ ତୀବ୍ର ହୋଇଛି ଛାତ୍ର ଆନ୍ଦୋଳନ। ଶିକ୍ଷାର୍ଥୀ ଓ ପୁଲିସ୍ ମଧ୍ୟରେ ଦେଖିବାକୁ ମିଳିଛି ଖଣ୍ଡଯୁଦ୍ଧ। ହଜାର ହଜାର ଶିକ୍ଷାର୍ଥୀ ଓ ବିପିଏସ୍‌ସି ଆଶାୟୀଙ୍କ ଉପରେ ପୁଲିସ୍ ମାଡ଼ କରିଛି ପାଣି। କିଛି ସ୍ଥାନରେ ପୁଲିସ୍ ଲାଠିଚାର୍ଜ କରିବାର ଖବର ମିଳିଛି। ବିକ୍ଷୋଭକାରୀମାନେ ବ୍ୟାରିକେଡ ଭାଙ୍ଗି ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ବାସଭବନ ଆଡ଼କୁ ଯାଉଥିବା ବେଳେ ପୁଲିସ୍ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ୭୦ତମ ବିହାର ପ୍ରଶାସନିକ ସେବା (ବିପିଏସ୍‌ସି) ପରୀକ୍ଷାରେ ବ୍ୟାପକ



ଅନିୟମିତତାର ଅଭିଯୋଗ କରିଛନ୍ତି ଶିକ୍ଷାର୍ଥୀ। ଏହି ପରୀକ୍ଷାକୁ ବାତିଲ କରିବା ଦାବିରେ ଆଜି ସେମାନେ କରିଛନ୍ତି ବିକ୍ଷୋଭ ଶୋଭାଯାତ୍ରା। ହଜାର ହଜାର ଶିକ୍ଷାର୍ଥୀ ବ୍ୟାରିକେଡ ଭାଙ୍ଗି ଆଗକୁ ବଢ଼ୁଥିବା ବେଳେ ପୁଲିସ୍ ସେମାନଙ୍କୁ ଅଟକାଇଥିଲା। ଏହାପରେ ଦୁଇ ପକ୍ଷ ମଧ୍ୟରେ ଦେଖିବାକୁ ମିଳିଥିଲା ଧସ୍ତାଧସ୍ତି। ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ୍ ଏକାଧିକ ସ୍ଥାନରେ ଲାଠିଚାର୍ଜ କରିବା ସହ ପାଣି ମାଡ଼ କରିଛି। ପୁଲିସ୍‌ର ଏହି କାର୍ଯ୍ୟାନୁଷ୍ଠାନକୁ ଖାତିର ନ କରି ଶତାଧିକ ଶିକ୍ଷାର୍ଥୀ ଶୋଭାଯାତ୍ରା ଜାରି ରଖିବା ସହ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗକୁ ବଢ଼ିଥିଲେ। ଏଥିପାଇଁ ପୁଲିସ୍ ଅନେକ ବିକ୍ଷୋଭକାରୀଙ୍କୁ ଉଠାଇ ନେଇଥିବା ଜଣାପଡ଼ିଛି। ଦିନ ପ୍ରାୟ ୧୦ଟା। ବିହାରର ଗାନ୍ଧି ମୈଦାନରେ ଏକାଠି ହୋଇଥିଲେ ହଜାର ହଜାର ଶିକ୍ଷାର୍ଥୀ ଓ ବିପିଏସ୍‌ସି ଆଶାୟୀ।

◆◆ପୃଷ୍ଠା ୭

# ଆଇଏଏସ୍ ଓ ଓଏଏସ ସ୍ତରରେ ବଦଳି: ସଞ୍ଜୟ ବିଶ୍ୱାଳ ହେଲେ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୫/୮ (ନି.ପ୍ର): ରାଜ୍ୟ ସରକାର ଆଜି ପ୍ରଶାସନିକସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି। ୭ଜଣ ଆଇଏଏସ୍ ଅଫିସର ଓ ୧୩ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ବଦଳି ହୋଇଛି। ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ୨୦୧୫ ବ୍ୟାଚ୍ ଆଇଏଏସ୍ ସଞ୍ଜୟ କୁମାର ବିଶ୍ୱାଳଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସେଠାରେ ଥିବା ବରିଷ୍ଠ ଓଏଏସ୍ ଅନୁଜ କୁମାର




ଦାଶ ପଟ୍ଟନାୟକଙ୍କୁ ଯୋଜନା ଓ ସଂଯୋଜନା ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅବସ୍ଥାପିତ କରାଯାଇଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ଭିନ୍ନ ଭିନ୍ନ ବିଜ୍ଞପ୍ତି ଅନୁସାରେ, ◆◆ପୃଷ୍ଠା ୭

# ପୁଣି ଆସୁଛି ଆଉ ଏକ ଲଘୁଚାପ: ବଡ଼ ବର୍ଷା ନେଇ ଆକଳନ କଲା ପାଣିପାଗ ବିଭାଗ

ଭୁବନେଶ୍ୱର, ୨୫/୮ (ନି.ପ୍ର): ଆସୁଛି ପୁଣି ଏକ ଲଘୁଚାପ। ୨୮ ତାରିଖ ବେଳକୁ ଉତ୍ତରପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ସଂଲଗ୍ନ ଉତ୍ତର ଓଡିଶା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହୋଇପାରେ ଏକ ଘୁର୍ଣ୍ଣିବଳୟ କ୍ଷେତ୍ର। ଯାହାକି ଅଧିକ ଘନୀଭୂତ ହୋଇ ଲଘୁଚାପର ରୂପ ନେବା ସମ୍ଭାବନା ରହିଛି। ସେପଟେ ଚଳିତବର୍ଷ ପଛକୁ ପଛ ଲଘୁଚାପ ପ୍ରଭାବରେ ଚାଷ ଓ ଚାଷୀ ପ୍ରଭାବିତ। ଏଥର ଫସଲ ଉତ୍ପାଦନ କମିବ ବୋଲି କହିଛନ୍ତି କୃଷି ବିଶେଷଜ୍ଞ। ରାଜ୍ୟରେ ଚାଷ ଆଉ ଚାଷୀଙ୍କୁ ପ୍ରଭାବିତ କରିଛି ଲଘୁଚାପ ବର୍ଷା ଓ ନଈ ବଢ଼ି। ଯୁଆଡେ ଚାହିଁଲେ ଖାଲି ପାଣି ଆଉ ପାଣି। ଗୋଟିଏ ଲଘୁଚାପ ନ ସରୁଣୁ ଆସୁଛି ଆଉ ଗୋଟିଏ ଲଘୁଚାପ। ଯାହା ଚାଷ କାମକୁ ସଂପୂର୍ଣ୍ଣ ଭାବରେ ପ୍ରଭାବିତ କରିଛି। ଯେଉଁ ସମୟରେ ରୁଆ ବେଉସା ସରିବା କଥା ସେ ସମୟରେ ଚାଷ ଜମିରେ ଭରି ରହିଛି ପାଣି। ସାଧାରଣତଃ ଜୁଲାଇ ୧୫ରୁ ଅଗଷ୍ଟ ଭିତରେ ରୁଆ, ବେଉସା କାମ ସରିଥାଏ। କିନ୍ତୁ ଏଥର ବିଳମ୍ବ ମୌସୁମୀ ପାଇଁ ଚାଷ କାମ ବିଳମ୍ବରେ ଆରମ୍ଭ ହେଲା। ତାପରେ ଲଗାଣ ବର୍ଷା। ଯାହା ଦ୍ୱାରା କେବଳ ଧାନ ନୁହେଁ, ଅଣଧାନ ଫସଲ ବି ନଷ୍ଟ ହୋଇଛି।

◆◆ପୃଷ୍ଠା ୭

# ରାଜ୍ୟରେ ବର୍ଷା ଓ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ

ଭୁବନେଶ୍ୱର, ୨୫/୮ (ନି.ପ୍ର): ରାଜ୍ୟରେ ଲଘୁଚାପଜନିତ ବର୍ଷା ଓ କେତେକ ଅଂଚଳରେ ବନ୍ୟା ପରିସ୍ଥିତି ଉପରେ ସ୍ୱେଶାଲ ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ତଥା ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର ପକ୍ଷରୁ ୨୪ ଘଂଟିଆ ନଜର ରଖାଯାଇଛି। ମଙ୍ଗଳବାର ସୁଦ୍ଧା ସମଗ୍ର ରାଜ୍ୟର ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଏହାର ସଂଲଗ୍ନ ଝାଡ଼ଖଣ୍ଡ ଏବଂ ଉତର ଓଡ଼ିଶା ଅଂଚଳ ଉପରେ ରହିଥିବା ଲଘୁଚାପ କ୍ଷେତ୍ର ସମାନ ଅଂଚଳରେ ସକ୍ରିୟ ରହିଛି।

# ହର୍ମୁଜ୍‌ରୁ ସମସ୍ତ ମାଇନ୍ ହଟାଯାଇଛି: ଟ୍ରମ୍ପ

ନୂଆଦିଲ୍ଲୀ,୨୫/୮ : ହର୍ମୁଜ୍ ପ୍ରଣାଳୀର ଅନ୍ତର୍ଜାତୀୟ ଜଳରାଶିରୁ ସମସ୍ତ ମାଇନ୍ ହଟାଯାଇଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ଦାବି କରିଛନ୍ତି। ଏଥିସହ ରଣନୈତିକ ଏହି ଜଳପଥରେ ଇରାନ ନୂଆ ମାଇନ୍ ବିଛାଇଲେ ଏଥିରେ ସମ୍ପୃକ୍ତ ଜାହାଜ କିମ୍ବା ବୋଟ୍‌କୁ ଧ୍ୱଂସ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।ଟ୍ରମ୍ପ 'ଟ୍ରୁଥ୍ ସୋସିଆଲ୍'ରେ ଏକ ପୋଷ୍ଟ୍ କରି କହିଛନ୍ତି ଯେ ଆମେରିକା ନୌସେନା ତାଙ୍କୁ ହର୍ମୁଜ୍‌ର ଅନ୍ତର୍ଜାତୀୟ ଜଳରାଶିରୁ ସମସ୍ତ ମାଇନ୍ ହଟାଯାଇଥିବା ବିଷୟରେ ଅବଗତ କରାଇଛି। ନୂଆ ମାଇନ୍ ବିଛାଇବାକୁ ଉଦ୍ୟମ କରୁଥିବା ଯେକୌଣସି ଜାହାଜ କିମ୍ବା ବୋଟ୍ ବିରୋଧରେ ତୁରନ୍ତ ଏବଂ ବ୍ୟବସ୍ଥିତ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଇରାନକୁ ଜଣାଇ ଦିଆଯାଇଛି। ହର୍ମୁଜ୍ ପ୍ରଣାଳୀ ଉପରେ ନଜର ରଖିବା ପାଇଁ ଆମେରିକା 'ସ୍ପେସ୍ ଫୋର୍ସ'ର ବ୍ୟବହାର କରୁଛି ବୋଲି ଟ୍ରମ୍ପ କହିଛନ୍ତି।

# ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଉପରେ ଫୋକସ୍: ସ୍ଥାନ ପାଇ ପାରନ୍ତି ଯୁବ ଚେହେରା

ନୂଆଦିଲ୍ଲୀ,୨୫/୮ : କେନ୍ଦ୍ରରେ କ୍ଷମତାସୀନ ବିଜେପିର ନୂତନ ଜାତୀୟ ସାଙ୍ଗଠନିକ ଟିମ୍ ଗଠନ ହେବା ପରେ ଏବେ ସମସ୍ତଙ୍କ ନଜର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଉପରେ ରହିଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦଳୀୟ ସଂଗଠନରେ ନୂଆ ଦାୟିତ୍ୱ ◆◆ପୃଷ୍ଠା ୭



# ୨୨ରୁ ବିଧାନସଭାର ମୌସୁମୀ ଅଧିବେଶନ

ଭୁବନେଶ୍ୱର, ୨୫/୮ (ନି.ପ୍ର): ଆସନ୍ତା ସେପ୍ଟେମ୍ବର ୨୨ତାରିଖରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଅଧିବେଶନରେ ମୋଟ ୮ଟି କାର୍ଯ୍ୟଦିବସ ରହିଛି। ଏନେଇ ବିଧାନସଭା ସଚିବାଳୟ ପକ୍ଷରୁ ରାଜ୍ୟ ସଂସଦୀୟ ବ୍ୟାପାର ବିଭାଗକୁ ଅବଗତ କରାଯାଇଛି। ସୂଚନା ଅନୁସାରେ, ସପ୍ତଦଶ ଓଡ଼ିଶା ବିଧାନସଭାର ସପ୍ତମ ଅଧିବେଶନ ସେପ୍ଟେମ୍ବର ୨୨ରୁ ଆରମ୍ଭ ହୋଇ ଅକ୍ଟୋବର ୩ତାରିଖ



ପର୍ଯ୍ୟନ୍ତ ଚାଲିବା ପାଇଁ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି। ଏହି ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନରେ ମୋଟ ୭ଟି ସରକାରୀ କାର୍ଯ୍ୟଦିବସ ଓ ଗୋଟିଏ ବେସରକାରୀ କାର୍ଯ୍ୟଦିବସ ସାମିଲ ରହିଛି। ସେପ୍ଟେମ୍ବର ୨୨, ୨୩ ଓ ୨୪ ତିନିଦିନ ସରକାରୀ କାର୍ଯ୍ୟଦିବସ ଧାର୍ଯ୍ୟ ହୋଇଛି। ୨୫ତାରିଖ ବେସରକାରୀ କାର୍ଯ୍ୟଦିବସ ଭାବେ ଉଦ୍ଦିଷ୍ଟ ରହିବ ଓ ବିଲ୍ ଏବଂ ସଂକଳ୍ପ ଉପରେ ଆଲୋଚନା ହେବ। ସେପ୍ଟେମ୍ବର ୨୬ ଓ ୨୭ତାରିଖ ଦୁଇଦିନ ଶନିବାର ଓ ରବିବାର ଯୋଗୁ ଗୃହକାର୍ଯ୍ୟ ବନ୍ଦ ରହିବ। ସେପ୍ଟେମ୍ବର ୨୮,୨୯ ଓ ୩୦ ସମେତ ଅକ୍ଟୋବର ୧ତାରିଖରେ ସରକାରୀ କାର୍ଯ୍ୟ ସମ୍ପାଦନ ହେବ। ◆◆ପୃଷ୍ଠା ୭


15001/94/2627





ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା।

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମୁଁ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି।

ଏହି ପବିତ୍ର ଅବସର ଆମ ସମାଜରେ ଶାନ୍ତି, ପାରସ୍ପରିକ ସମ୍ମାନ ଓ ସଦ୍‌ଭାବନାକୁ ଅଧିକ ସୁଦୃଢ଼ କରିବ ବୋଲି ମୋର ଆଶା ଓ ବିଶ୍ୱାସ।

(ହରି ବାବୁ କମ୍ଭମପାଟି)

OIPR: 15001/15001/2/26-27/0094

15001/94/2627



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।

(ମୋହନ ଚରଣ ମାଝୀ)

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/15001/2/26-27/0094

# ଶିକ୍ଷକଙ୍କ ମନମାନି ଯୋଗୁଁ ବାହାରେ ବୁଲୁଛନ୍ତି ଛାତ୍ର ଛାତ୍ରୀ : ବିପଦପୂର୍ଣ୍ଣ ଭାବେ ଚମ୍ପୁଆ-ତୁରମୁଙ୍ଗା ମୁଖ୍ୟ ରାସ୍ତାରେ ଦଳ ଦଳ ପିଲା

ଚମ୍ପୁଆ,୨୫/୦୮ (ନି.ପ୍ର): ଚମ୍ପୁଆ ଶିକ୍ଷା ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ଅତି ଦେବାଳିଆ ସ୍ଥିତିରେ ଗତି କରୁଥିବା ଦେଖିବାକୁ ମିଳିଛି। ବିଦ୍ୟାଳୟ ଗୁଡିକରେ ଶିକ୍ଷା ଦାନ ତ ଯାହା ହେଉଛି, ତା' ସହିତ ପିଲାଙ୍କ ସୁରକ୍ଷା ପ୍ରତି ମଧ ଦୃଷ୍ଟି ଦିଆଯାଉ ନଥିବା ସାଧାରଣରେ ଗୁରୁତର ଅଭିଯୋଗ ହେଉଛି।

ସରକାରୀ ନିୟମ ଅନୁଯାୟୀ, ମଧ୍ୟାହ୍ନ ଭୋଜନ ସମୟରେ (ଅପରାହ୍ନ ୧:୩୦ ରୁ ୨:୦୦) ବିଦ୍ୟାଳୟର ମୁଖ୍ୟ ଫାଟକ ସମ୍ପୂର୍ଣ୍ଣ ବନ୍ଦ ରହିବା ଆବଶ୍ୟକ। ଯାହାଦ୍ୱାରା ପିଲାମାନେ ବାହାରକୁ ଯାଇ ରାସ୍ତାରେ ଦୁର୍ଘଟଣାର ଶିକାର ହେବେ ନାହିଁ। ଏହି ସମୟରେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ରହି ଖାଦ୍ୟର ଗୁଣବତା ସହିତ ପିଲାଙ୍କ ସୁରକ୍ଷା ଉପରେ ନଜର ରଖିବା କଥା। ପିଲାମାନେ ଯେପରି ଗେଟ୍ ବାହାରକୁ ନ ଯାଆନ୍ତି, ସେଥି ପ୍ରତି ପ୍ରଧାନଶିକ୍ଷକ ଓ ନୋଡାଲ ଶିକ୍ଷକ ଦୃଷ୍ଟି ଦେବା ବାଧ୍ୟତାମୂଳକ। କିନ୍ତୁ ଚମ୍ପୁଆ ବ୍ଲକ ଅନ୍ତର୍ଗତ କାଶୀପାଳ ପଂଚାୟତ ଉଚ୍ଚ ଓ ମଧ ଇଂରାଜୀ ବିଦ୍ୟାଳୟରେ ଏହାର ସମ୍ପୂର୍ଣ୍ଣ ଓଲଟା ଚିତ୍ର ଦେଖିବାକୁ ମିଳିଛି। ଶିକ୍ଷକମାନଙ୍କର ମନମାନି ଏବଂ ବେପରୁଆ ନୀତି ଯୋଗୁଁ ଛାତ୍ରଛାତ୍ରୀମାନେ ମଧ୍ୟାହ୍ନ ଭୋଜନ ସମୟରେ ବିପଦପୂର୍ଣ୍ଣ ଭାବେ ବିଦ୍ୟାଳୟ ପରିସର ବାହାରକୁ ଚାଲିଆସୁଛନ୍ତି। ପିଲାମାନେ ଦଳ ଦଳ ହୋଇ ବାହାରେ ଥିବା ବ୍ୟସ୍ତବହୁଳ ଚମ୍ପୁଆ - ତୁରମୁଙ୍ଗା ମୁଖ୍ୟ ରାସ୍ତା ଉପରେ ବୁଲୁଥିବା ଦେଖିବାକୁ ମିଳୁଛି। ଏହି ବେପରୁଆ କାର୍ଯ୍ୟ ଯୋଗୁଁ ଯଦି କୌଣସି ସମୟରେ କିଛି ଅପ୍ରିତିକର ବଡ଼ ଦୁର୍ଘଟଣା ଘଟେ, ସେଥିପାଇଁ ଦାୟୀ କିଏ ହେବ ବୋଲି ଏବେ ସ୍ଥାନୀୟ ଅଂଚଳରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ଏଭଳି ଦାୟିତ୍ୱହୀନତାକୁ ନେଇ ଅଭିଭାବକ ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଭଳି ସମ୍ବେଦନଶୀଳ ଘଟଣା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ ଦୋଷୀ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଚିତ୍ରକୋଣ୍ଡାରେ ମିଳିତ ଅଭିଯୋଗ ଶୁଣାଣି ଶିବିର: ପ୍ରଶାସନ ନିକଟରେ ପହଂଚିଲା ୬୨ଟି ଗୁହାରି

ମାଲକାନଗିରି,୨୫/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରୀ ସେବାକୁ ଅଧିକ ଜନକଲ୍ୟାଣକାରୀ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଚିତ୍ରକୋଣ୍ଡା ବ୍ଲକର ଟନେଲକ୍ୟାମ୍ପ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଏକ ଜିଲ୍ଲା ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ପ୍ରଥମେଶ ଅରବିନ୍ଦ ରାଜସିର୍କେ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦଶରଥୀ ସରାବୁ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଜନସାଧାରଣଙ୍କ ସମସ୍ୟା ଓ ବିଭିନ୍ନ ଆପତି ଅଭିଯୋଗକୁ ପ୍ରତ୍ୟକ୍ଷ ଭାବେ ଶୁଣିଥିଲେ।ଏହି ଶିବିରରେ ସ୍ଥାନୀୟ ଅଂଚଳରୁ ସମୁଦାୟ ୬୨ଟି ଅଭିଯୋଗ ପତ୍ର ପଞ୍ଜିକୃତ କରାଯାଇଥିଲା। ଏଥିମଧ୍ୟରେ ୧ଟି ବ୍ୟକ୍ତିଗତ ଗୁହାରି ଏବଂ ୪୬ଟି ସାମୁଦାୟିକ ସମସ୍ୟା ଭିତିକ ଅଭିଯୋଗ ଅନ୍ତର୍ଭୁକ୍ତ ଥିଲା। ପ୍ରତ୍ୟେକଟି ସମସ୍ୟାର ଗଭୀର ଅନୁଧ୍ୟାନ କରି ସମ୍ପୃକ୍ତ ବିଭାଗଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସମାଧାନ ପାଇଁ ପ୍ରଶାସନ ତରଫରୁ ପଠାଯାଇଛି। ଶିବିର ଅବସରରେ ଜିଲ୍ଲାପାଳ କହିଛନ୍ତି ଯେ, ପ୍ରଶାସନର ମୂଳ ଲକ୍ଷ୍ୟ ହେଉଛି ପ୍ରତିଟି ଯୋଗ୍ୟ ନାଗରିକଙ୍କ ପାଖରେ ସରକାରୀ ଯୋଜନାର ଲାଭ ପହଂଚାଇବା। ଆଜି ଶିବିରରେ ମିଳିଥିବା ସମସ୍ତ ୬୨ଟି ଯାକ ଅଭିଯୋଗକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ସହ ସମୀକ୍ଷା କରାଯିବ। ବିଶେଷ କରି ସାମୁଦାୟିକ ଗୋଷ୍ଠୀଗତ ସମାଧାନକୁ ପ୍ରାଥମିକତା ଦେଇ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟକ୍ଷମ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଅଭିଯୋଗ ଶୁଣାଣି ବ୍ୟତୀତ ଉପସ୍ଥିତ ଅତିଥିମାନେ ପଂଚାୟତ ପରିସରରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପରିଚାଳିତ ମୋବାଇଲ୍ ଚକ୍ଷୁ ପରୀକ୍ଷା ଶିବିର ଏବଂ ଯୁବକଯୁବତୀଙ୍କ ଦକ୍ଷତା ବିକାଶ ପାଇଁ ଉଦ୍ଦିଷ୍ଟ ପ୍ରଗତି ପଥେ ଯୁବା ମାଲକାନଗିରି କେନ୍ଦ୍ର ପରିଦର୍ଶନ କରି କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ଶିବିରରେ ଚିହ୍ନଟ ହୋଇଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ଆନୁଷ୍ଠାନିକ ଭାବେ ଶିକ୍ଷାଗତ ସହାୟତା ଏବଂ ମାତୃତ୍ୱ କଲ୍ୟାଣ ଯୋଜନାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ସଫଳ ଆୟୋଜନରେ ସ୍ଥାନୀୟ ବ୍ଲକ ଉନ୍ନୟନ ଅଧିକାରୀ ଓ ଜନପ୍ରତିନିଧିମାନେ ସହଯୋଗ କରିଥିଲେ।

# ଚୋରି ସାମଗ୍ରୀର ହବ୍ ପାଲଟିଛି ଜୟପୁର କବାଡିଆ

ଜୟପୁର,୨୫/୦୮ (ନି.ପ୍ର): ଭଙ୍ଗା, ଦଦରା ଲୁହା, ପ୍ଲାଷ୍ଟିକ ଅଦରକାରୀ କାଗଜ କିଣାବିକା କରିବା ଲାଗି କୋରାପୁଟ ଜିଲ୍ଲା ଜୟପୁର ସହର ଗଢି ଉଠିଛି କବାଡିଆ ଦୋକାନ । ବାସ୍ତବ କ୍ଷେତ୍ରରେ କିଛି ଅସାମାଜିକ ଶ୍ରେଣୀର ବ୍ୟକ୍ତି କମ୍ ମଜୁରୀ ପ୍ରଦାନ କରି ଗରିବ ଶ୍ରେଣୀର କୋମଳମତି ଶିଶୁମାନଙ୍କୁ ହେଉ କିମ୍ୱା କିଛି ମାନସିକ ବିକୃତ ଲୋକଙ୍କୁ ନିଶା ଦେଇ ଭଙ୍ଗା, ଦଦରା ଲୁହା ଟିଣ, ପ୍ଲାଷ୍ଟିକ ସଂଗ୍ରହ କରିବାକୁ ପଠାଉଥିବା ବେଳେ ଅସଲରେ କିଛି ଅଲଗା ଉଦ୍ଦେଶ୍ୟ ରହିଥିବାର ଜଣାପଡିଛି । ସମ୍ପୃକ୍ତ କିଛି ବ୍ୟକ୍ତି ବିଶେଷ ଗ୍ରାମାଂଚଳରେ ବିଳମ୍ୱିତ ରାତ୍ରରେ ସରକାରୀ କଳ ସହ ବିଭିନ୍ନ ଯନ୍ତାଂଶ ଚୋରାଇ ସିଧାସଳଖ କବାଡିଆ ଦୋକାନରେ ବିକ୍ରି କରୁଛନ୍ତି । ଚୋରା ସାମଗ୍ରୀକୁ କବାଡିଆ ଦୋକାନ ମାଲିକ ମାନେ କିଲୋ ପିଛା ୨୦ରୁ ୨୫ ଟଙ୍କାରେ କିଣୁଥିବା ବେଳେ ସାମଗ୍ରୀର ଚାହିଦା ଅନୁସାରେ ବିଭିନ୍ନ ଗ୍ରାହକଙ୍କୁ ବିକ୍ରି କରିଥାନ୍ତି । ଏପରିକି କିଛି ଗ୍ରାହକ ସୁଲଭ ମୂଲ୍ୟରେ ଘର କରଣା ସାମଗ୍ରୀ କିଣିବା ଲାଗି ବିଭିନ୍ନ କବାଡିଆ ଦୋକାନ ମାନଙ୍କରେ ଭିଡ଼ ଜମାଉଥିବାର ନଜିର ରହିଛି । ପ୍ରତ୍ୟେକ ଦିନ ବିଭିନ୍ନ ଗ୍ରାମାଚଂଳରୁ ଘରୁ ଚୋରି ହେଉଥିବା ବେଳେ ଛୋଟମୋଟ ଚୋରିକୁ କେନ୍ଦ୍ର କରି ଥାନାରେ ଏତଲା ଦେଇ ଅଯଥାରେ ହଇରାଣ ହରକତ ହେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ଲୋକେ । ଏହାର ସୁଯୋଗ ନେଇ ବହୁ ଅସାମାଜିକ ଯୁବକ ଏହାର ଭରପୁର ଲାଭ ଉଠାଉଛନ୍ତି । କୋରାପୁଟ ଜିଲାର ଜୟପୁର, କୋଟପାଡ, ସେମିଳିଗୁଡା, କୋରାପୁଟ ଅଂଚଳରେ ଗଢି ଉଠିଥିବା କବାଡିଆ ଦୋକାନରେରୋତି ରାତି ବିରାଟକାୟ ଚୋରା ଗାଡି ସବୁ ମେସିନ ସହାୟତାରେ କାଟି ଦେଉଛନ୍ତି । କିଛି ଦିନ ତଳେ ଟ୍ରାନସଫରମରର ତାରକୁ ତମ୍ବା ତାର ଚୋରି କରି ଅଂଚଳରେ କବାଡିଆ ଦୋକାନ ବିକ୍ରି କରୁଛନ୍ତି ଦୁର୍ବୃତ । ଚୋରି ସାମଗ୍ରୀ କ୍ରୟ କରିଥିବା ଅଭିଯୋଗରେ କେନାଲ ରୋଡରେ ଥିବା ଜଣେ କବାଡିଆ ଦୋକାନି ମାଲିକକୁ ଜୟପୁର ସଦର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେହିପରି ଚୋରି ସାମଗ୍ରୀ କ୍ରୟ କରିଥିବା ଅଭିଯୋଗରେ ଲକ୍ଷ୍ମୀ ପଣ୍ଡା ଛକ ସ୍ଥିତ କବାଡିଆ ଦୋକାନର ମାଲିକକୁ ବାର ବାର ଗିରଫ କରିଛି ଜୟପୁର ସଦର ପୋଲିସ । ଚୋରି ସାମଗ୍ରୀ କବାଡିଆ ଦୋକାନରୁ ଜବତ ହୋଇଥିଲା । କୋରାପୁଟ ଜିଲା ପୋଲିସ ବଡ଼ ଧରଣର ଯାଂଚ୍ ସହ ଉପଯୁକ୍ତ କାଗଜପତ୍ରରେ କବାଡିଆ ଦୋକାନ ଚାଲୁଛି କି ନାହିଁ ଚଢ଼ଉ କରିବା ପାଇଁ ଜିଲାବାସୀ ଦାବି କରିଛନ୍ତି । ଘଟଣାକୁ ନେଇ ପୁଲିସ ପକ୍ଷରୁ କବାଡିଆ ଦୋକାନ ଗୁଡିକରେ ଅତର୍କିତ ଚଢଉ କରାଗଲେ ବହୁ ଚୋରା କାରବାରର ଗୁମର ଖୋଲିଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

## ଚମ୍ପୁଆ ବଜାରରୁ ଗାଈ ଚୋରୀ ଅଭିଯୋଗ

ଚମ୍ପୁଆ,୨୫/୦୮ (ନି.ପ୍ର): ଚମ୍ପୁଆ ସ୍ଥିତ ମୌଲାନାଗୋଡା ଛକ ନିକଟରୁ ଏକ ଗାଈ ଚୋରୀ ହୋଇଯାଇଥିବା ଅଭିଯୋଗ ହୋଇଛି । ମୌଲାନାଗୋଡାର ଏମଡି ନିଜାମୁଦ୍ଦିନଙ୍କର ଏକ ଗାଈ ୩ ଜଣ ଦୁର୍ବୃତ ଏକ ଗାଡିରେ ଆସି ରାତି ପ୍ରାୟ ୧.୩୦ ମିନିଟ ସମୟରେ ଗାଇକୁ ନେଇଯାଇଥିବା ଅଭିଯୋଗ ହୋଇଛି । ଗାଇଟିର ମୂଲ୍ୟ ୨୦ ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି । ତେବେ ପୂର୍ବରୁ ମଧ ତଦନୁରୂପ ଗାଈ ଚୋରୀ ଏହି ଅଂଚଳର ଏକ ନିତି ଦିନିଆ ଘଟଣା ।

# ଶକ୍ତି କେନ୍ଦ୍ର ବୈଠକ: ବିଜେପିରେ ଯୋଗଦେଲେ ଦୁଇ ମହିଳା

ନୂଆପଡ଼ା,୨୫/୦୮ (ନି.ପ୍ର): ଭାରତୀୟ ଜନତା ପାର୍ଟି ଖଡ଼ିଆଳ ରିଷିପିଟି ମଣ୍ଡଳ ଅନ୍ତର୍ଗତ ବଡ଼ଦୋହେଲ ଶକ୍ତି କେନ୍ଦ୍ରର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳର ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତୀ ଯୋଗଦେଇ ଶକ୍ତି କେନ୍ଦ୍ର ଅନ୍ତର୍ଗତ ବୁଥ୍ ସଭାପତି, ସମ୍ପାଦକ ଓ ବିଏଲଏ ୨ ଙ୍କୁ ସାଙ୍ଗଠନିକ କାର୍ଯ୍ୟ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ବଡ଼ଦୋହେଲର ପୂର୍ବତନ ସରପଞ୍ଚ ଲୟା ବାଗ ଓ ରେଖା ଦର୍ଜୀ ବିଜେପିର ନୀତି, ଆଦର୍ଶ ଓ ରାଷ୍ଟ୍ରବାଦୀ ବିଚାରଧାରାରେ ଅନୁପ୍ରାଣିତ ହୋଇ ଦଳରେ ବିଧିବଦ୍ଧ ଭାବେ ଯୋଗ ଦେଇଥିଲେ। ବୈଠକରେ ରିଷିପିଟି ମଣ୍ଡଳ ସଭାପତି ସୁଶାନ୍ତ କୁମାର ବିଶି, ସୁନ୍ଦର ମଣ୍ଡଳ ସଭାପତି ରତ୍ନାକର ହଂସ, ଜିଲ୍ଲା ଉପସଭାପତି ରାତ୍ରନନ୍ଦ ମନହିଁରା, ରିଷିପିଟି ମଣ୍ଡଳ ପ୍ରଭାରୀ ତଥା ପୂର୍ବତନ ମଣ୍ଡଳ ସଭାପତି ପ୍ରଶାନ୍ତ ଦାସ, ଜୋନ୍ ନମ୍ବର ୬ ଜିଲ୍ଲା ପରିଷଦ ସଭ୍ୟ ମାଲ୍ୟବନ୍ତ ସୁନା, ମଣ୍ଡଳ ଉପସଭାପତି ଚୁଳଚୁଳ ଗହୀର, ବିଦ୍ୟାଧର ମହାପାତ୍ର, ମଣ୍ଡଳ ସମ୍ପାଦକ ତଥା ବଡ଼ଦୋହେଲ ଶକ୍ତି କେନ୍ଦ୍ର ପ୍ରଭାରୀ ଉଦୟ ସିଂ ବାବୁଙ୍କ ସମେତ ଅନ୍ୟ ଦଳୀୟ ନେତା ଓ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ। ପ୍ରେମ ମାଝୀ, ମଙ୍ଗଳ ମାଝୀ, ସମ୍ବିତ ମହାନ୍ତି, ବିନୋଦ ସାହୁ, ମକଡ଼ ସାହୁ, ଜଳଧର ତାଣ୍ଡି, ଉମାକାନ୍ତ ସଗରିଆ ଓ ଶକ୍ତି କେନ୍ଦ୍ର ସଭାପତି ମନୋଜ କୁମାର ଗହୀରଙ୍କ ସମେତ ଶକ୍ତି କେନ୍ଦ୍ରର ବିଭିନ୍ନ ପଦାଧିକାରୀ ଓ କାର୍ଯ୍ୟକର୍ତା ନବାଗତ ଦୁଇ ମହିଳାଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ। ନବାଗତ ଦୁଇ ମହିଳା ଦଳକୁ ତୃଣମୂଳ ସ୍ତରରେ ଆହୁରି ସଶକ୍ତ ଓ ସୁଦୃଢ଼ କରିବା ପାଇଁ ସମର୍ପିତ ଭାବେ କାର୍ଯ୍ୟ କରିବେ ବୋଲି ସଂକଳ୍ପ ନେଇଥିଲେ।

# ନିଖୋଜ ଦାଦନ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଜିଲ୍ଲାପାଳଙ୍କୁ ନିବେଦନ

ନୂଆପଡ଼ା,୨୫/୦୮ (ନି.ପ୍ର): ଦାଦନ ଶ୍ରମିକ ଭାବେ ସୁଦୂର ସିକିନ୍ଦରାବାଦ ଯାଇଥିବା ଖଡ଼ିଆଳ ବ୍ଲକ ତୁକଲା ଗ୍ରାମର ବରୁଣ ମାଝି ନିଖୋଜ ହୋଇଥିବା ନେଇ ତାଙ୍କ ସ୍ତ୍ରୀ ବିଳାସିନୀ ମାଝି ଗତ ୨୧ ତାରିଖରେ ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଆଜି ନୂଆପଡ଼ା ଜିଲ୍ଲାପାଳଙ୍କୁ ଅଭିଯୋଗ କରି ତୁରନ୍ତ ଉଦ୍ଧାର କରିବା ପାଇଁ ନିବେଦନ କରିଛନ୍ତି। ତାଙ୍କ ସ୍ୱାମୀଙ୍କ କୌଣସି ଖୋଜଖବର ମିଳୁନଥିବାରୁ ଚିନ୍ତା ପ୍ରକଟ କରିଛନ୍ତି ବିଳାସିନୀ। ସୂଚନା ଅନୁଯାୟୀ, ବରୁଣ ଗତ ଜୁଲାଇ ୨୬ ତାରିଖରେ ଦାଦନ ଶ୍ରମିକ ଭାବେ କାମ କରିବା ପାଇଁ ସିକିନ୍ଦରାବାଦ ଯାଇଥିଲେ। ସେଠାରେ ରହି ସେ କାମ କରୁଥିଲେ। ତେବେ ଚଳିତ ମାସ ଅଗଷ୍ଟ ୧୭ ତାରିଖରେ ସେ ଫୋନ୍ ଯୋଗେ ନିଜ ସ୍ତ୍ରୀଙ୍କୁ ଘରକୁ ଫେରୁଥିବା ଜଣାଇଥିଲେ। ଏହାପରେ ସେ ଘରେ ପହଂଚିନଥିବା ବେଳେ ତାଙ୍କ ମୋବାଇଲ ଫୋନ୍ ମଧ ସ୍ୱିଚ୍ ଅଫ୍ ହୋଇଯାଇଛି। ଦୀର୍ଘ ସମୟ ଧରି ସ୍ୱାମୀଙ୍କ କୌଣସି ଖୋଜଖବର ନମିଳିବାରୁ ବିଳାସିନୀ ବେଶ୍ ଚିନ୍ତିତ ହୋଇ ପଡ଼ିଛନ୍ତି। ନିଖୋଜ ବରୁଣ ମାଝିଙ୍କୁ ତୁରନ୍ତ ଖୋଜି ବାହାର କରିବା ସହ ଘଟଣାର ତଦନ୍ତ କରି ଆବଶ୍ୟକ ସହଯୋଗ କରିବାକୁ ସେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।

# କୃତ୍ରିମ ବୁଦ୍ଧିମତା ଏବଂ ନ୍ୟାୟିକ ପ୍ରଯୁକ୍ତି ଓ ବିକଳ୍ପ ବିବାଦ ସମାଧାନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୫/୦୮ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଝାରସୁଗୁଡ଼ା ପକ୍ଷରୁ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ନ୍ୟାୟିକ ବ୍ୟବସ୍ଥାରେ ପ୍ରଯୁକ୍ତିର ବ୍ୟବହାର, ନ୍ୟାୟିକ ରାୟର ଆଂଚଳିକ ଭାଷାରେ ଅନୁବାଦ ଏବଂ ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ପ୍ରସନ୍ନ ପଣ୍ଡା ଆଇନ ମହାବିଦ୍ୟାଳୟ, ଝାରସୁଗୁଡ଼ା ପରିସରରେ ଆୟୋଜିତ ହୋଇ ଯାଇଅଛି । ଏହି କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା), ଝାରସୁଗୁଡ଼ାର ଅଧକ୍ଷ ଅଶ୍ୱିନୀ କୁମାର ନାୟକ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ପ୍ରମୁଖ ବିଚାର ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ପ୍ରିନ୍ସିପାଲ ଦୀପକ ତିୱାରି, ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ରର ତାଲିମପ୍ରାପ୍ତ ମଧ୍ୟସ୍ଥି ସତପାଲ ସିଂ ଓ ଅନ୍ୟାନ୍ୟ ଅଧାପକ ଓ ଅଧାପିକା ମାନେ ଯୋଗ ଦେଇ ଥିଲେ । କାର୍ଯ୍ୟକ୍ରମରେ ଭାରତର ମାନ୍ୟବର ସୁପ୍ରିମକୋର୍ଟଙ୍କ ଇଂରାଜୀ ଭାଷାରେ ପ୍ରକାଶିତ ରାୟଗୁଡ଼ିକୁ କୃତ୍ରିମ ବୁଦ୍ଧିମତା ର ସହାୟତାରେ ଆଂଚଳିକ ଭାଷାକୁ ଅନୁବାଦ କରିବା ପାଇଁ ବିକଶିତ ଏସ ୟୁ ଭି ଏ ଏସ ବିଷୟରେ ଉପସ୍ଥିତ ଅଂଶଗ୍ରହଣକାରୀ ମାନଙ୍କୁ ସଚେତନ କରାଯାଇଥିଲା। ଏହି ପଦକ୍ଷେପ ମାଧ୍ୟମରେ ସାଧାରଣ ଲୋକ, ଆଇନଜୀବୀ ଓ ନ୍ୟାୟିକ ବ୍ୟବସ୍ଥା ସହିତ ସମ୍ପୃକ୍ତ ବ୍ୟକ୍ତିମାନେ ନିଜ ଆଂଚଳିକ ଭାଷାରେ ନ୍ୟାୟିକ ରାୟ ବୁଝିବାରେ ଅଧିକ ସୁବିଧା ପାଇପାରିବେ ବୋଲି ଆଲୋଚନା କରାଯାଇଥିଲା । ଏହା ସହ ଓଡ଼ିଶା ହାଇକୋର୍ଟଙ୍କ ଅଦାଲତଗୁଡ଼ିକ ପାଇଁ ଭିଡିଓ କନ୍ଫରେନ୍ସିଂ ନିୟମାବଳୀ, ୨୦୨୦ ସମ୍ପର୍କରେ ମଧ ବିସ୍ତୃତ ସଚେତନତା ସୃଷ୍ଟି କରାଯାଇଥିଲା। ଭିଡିଓ କନଫରେନ୍ସିଂ ମାଧ୍ୟମରେ କୋର୍ଟର କାର୍ଯ୍ୟକୁ ଅଧିକ ସୁଗମ, ଦ୍ରୁତ ଓ ସୁବିଧାଜନକ କରିବା ସହିତ ଦୂରସ୍ଥ ସ୍ଥାନରୁ ନ୍ୟାୟିକ ପ୍ରକ୍ରିୟାରେ ଅଂଶଗ୍ରହଣର ସୁଯୋଗ ବିଷୟରେ ଆଲୋଚନା ହୋଇଥିଲା। ଅଦାଲତରେ ଉପଲବ୍ଧ ଆଇ ସି ଟି ସୁବିଧାଗୁଡ଼ିକର ବ୍ୟବହାର ଓ ଏହାର ଉପକାରିତା ସମ୍ପର୍କରେ ମଧ ଅଂଶଗ୍ରହଣକାରୀମାନଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମର ଅନ୍ୟତମ ପ୍ରମୁଖ ବିଷୟ ଥିଲା ବିକଳ୍ପ ବିବାଦ ସମାଧାନ, ୨୦୦୭ ସମ୍ପର୍କରେ ଆଲୋଚନା କରାଯାଇ ମଧ୍ୟସ୍ଥତା ଓ ଅନ୍ୟାନ୍ୟ ବିକଳ୍ପ ପଦ୍ଧତି ମାଧ୍ୟମରେ ବିବାଦର ସହଜ, ଶୀଘ୍ର ଓ ସୌହାର୍ଦ୍ଦପୂର୍ଣ୍ଣ ସମାଧାନର ଗୁରୁତ୍ୱ ବୁଝାଇ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ନ୍ୟାୟିକ ଅଧିକାରୀ, ଆଇନଜୀବୀ, ପାରାଲିଗାଲ୍ ସ୍ୱେଚ୍ଛାସେବୀ ଏବଂ ଆଇନ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ପ୍ରଯୁକ୍ତିଭିତିକ ନ୍ୟାୟ ବ୍ୟବସ୍ଥା, ଆଂଚଳିକ ଭାଷାରେ ନ୍ୟାୟିକ ରାୟର ଉପଲବ୍ଧତା ଓ ମଧ୍ୟସ୍ଥତା ମାଧ୍ୟମରେ ବିବାଦର ସମାଧାନ ନ୍ୟାୟ ପ୍ରାପ୍ତିକୁ ଅଧିକ ସହଜ ଓ ଲୋକାଭିମୁଖୀ କରିବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା।

# ଶେରଗଡ଼ ବ୍ଲକରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ଗଞ୍ଜାମ,୨୫/୦୮ (ନି.ପ୍ର): ଶେରଗଡ ବ୍ଲକ ପଂଚାୟତ ସମିତି ସଭାଗୃହରେ ସିଡ଼ିପିଓ ମମତାଞ୍ଜଳି ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ଡେପୁଟି କଲେକ୍ଟର ସୁଦାମ କୁମାର ସ୍ୱାଇଁ, ଡି.ନାଗରାଜ ପିଓକମପିଓ, ସାଇବର ସିକ୍ୟୁରିଟ ଏଏସଆଇ କିରଣ ଚନ୍ଦ୍ର ପାତ୍ର, ଡାକ ବିଭାଗ ଅଧକ୍ଷ ଡି.କେ. ବେହେରା ମଂଚାସୀନ ହୋଇ ଉଦ୍‌ବୋଧନ ଦେଇଥିଲେ। ଶେରଗଡ଼ ବ୍ଲକ ଓ ଅଙ୍ଗନବାଡି କେନ୍ଦ୍ରକୁ ସୁକନ୍ୟାରେ ପରିଣତ କରାଯିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହାସହ କାର୍ଯ୍ୟକ୍ରମରେ ସାଇବର ସୁରକ୍ଷା ଓ ସାଇବର ବୁଲିଂ ବିଷୟ ଆଲୋକପାତ କରାଯାଇଥିଲା। ସାଇବର ସୁରକ୍ଷା ପାଇଁ ମୁଖ୍ୟ ବିଷୟ ଥିଲା । ଶକ୍ତିଶାଳୀ ପାସୱାର୍ଡ ବ୍ୟବହାର ଓ ଦୁଇ ସ୍ତରୀୟ ପ୍ରମାଣୀକରଣ, ଫିସିଂ ଲିଙ୍କ ଓ ନକଲି ମେସେଜରୁ ସତର୍କତା, ଅପରିଚିତ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ତଥ୍ୟ ନ ଦେବା, ସାମାଜିକ ଗଣମାଧ୍ୟମରେ ଗୋପନୀୟତା ସେଟିଂ ଠିକ ରଖିବା, ବ୍ୟାଙ୍କ ଓ ଫୋନ ପେ ଠକେଇରୁ ବଂଚିବା, ଅଚିହ୍ନା ଆପ ଓ ଲିଙ୍କ ଡାଉନଲୋଡ ନ କରିବା, ପିଲାଙ୍କ ଅନଲାଇନ ଗେମ ଓ ଇଂଟରନେଟ ବ୍ୟବହାର ଉପରେ ନଜର ରଖିବା। ଏଥିସହ ସାଇବର ବୁଲିଂ କ'ଣ, ଅନଲାଇନରେ ଗାଳି, ଧମକ ଓ ଅପମାନ, ବ୍ୟକ୍ତିଗତ ଫଟୋ ଓ ଭିଡିଓ ଭାଇରାଲ ଧମକ, ନକଲି ଏକାଉଂଟ କରି ବଦନାମ କରିବା, ପୀଡିତଙ୍କ ଉପରେ ମାନସିକ ପ୍ରଭାବ, ପ୍ରମାଣ ସଂଗ୍ରହ କରି ରଖିବା, ସ୍କ୍ରିନସଟ ରଖିବା, ଏକ ଶହ ତେୟାନବେ ଶୂନ୍ୟରେ ଅଭିଯୋଗ କରିବା ଓ ଥାନାରେ ଜଣାଇବା, ପିଲାଙ୍କୁ ସଚେତନ କରିବା ଓ ପରିବାରର ସହଯୋଗ ସମ୍ପର୍କରେ ସଚେତନ କରାଥିଲା। ଏଥିରେ ବ୍ଲକ ର ଅଙ୍ଗନବାଡି କର୍ମୀ, ପରିଦର୍ଶକା, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ରକର୍ମୀ ଓ ସ୍ଥାନୀୟ ବହୁ ଭଦ୍ରବ୍ୟକ୍ତି ଓଭଦ୍ର ମହିଳା ଉପସ୍ଥିତ ଥିଲେ।

## ଏମ୍‌ଏମ୍‌ଡି ଆଇନ୍ ବିରୋଧରେ ଫୁଲବାଣୀରେ ସର୍ବଦଳୀୟ ବୈଠକ

କନ୍ଧମାଳ,୨୫/୦୮ (ନି.ପ୍ର): ଓଡିଶାକୁ ସର୍ବସ୍ୱାନ୍ତ କରିବାକୁ ଯାଉଥିବା କଳା ଆଇନ ଏମଏମଡ଼ି- ୨୦୨୬ ର ପ୍ରତ୍ୟାହାର ଦାବିରେ ଆଜି ଫୁଲବାଣୀ ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ସର୍ବଦଳୀୟ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲା କଂଗ୍ରେସ ସଭାପତି ଚନ୍ଦ୍ରଶେଖର ପରିଡା, ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ସମାଜବାଦୀ ପାର୍ଟି ରାଜ୍ୟ ଉପସଭାପତି ପୂର୍ବତନ ଫୁଲବାଣୀ ବିଧାୟକ ଦେବେନ୍ଦ୍ର କହ୍ନର, ଆମ ଆଦମୀ ପାର୍ଟି ଜିଲ୍ଲା ସଂଯୋଜକ ଗିରିଶ ଚନ୍ଦ୍ର ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ଉପସଭାପତି ହେମନ୍ତ କୁମାର କର, ରଜତ ମହାନ୍ତି, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ନନ୍ଦ କିଶୋର ଦାଶ, ମୁନିସିପାଲିଟି ସଭାପତି ସୁବଳ ନାୟକ, ଫୁଲବାଣୀ ବ୍ଲକ କଂଗ୍ରେସ ସଭାପତି ରଂଜିତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଧରଣୀଧର ବିଶ୍ୱବିଦ୍ୟାଳୟ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଓ ଛାତ୍ର ସଂଘ ନିର୍ବାଚନର ତାରିଖ ଘୋଷଣା ନିମନ୍ତେ ଏବିଭିପି ଦାବିପତ୍ର

କେନ୍ଦୁଝର,୨୫/୦୮ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କେନ୍ଦୁଝର ଜିଲ୍ଲା ପକ୍ଷରୁ ଧରଣୀଧର ବିଶ୍ୱବିଦ୍ୟାଳୟରେ ମାନନୀୟ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ବିଶ୍ୱବିଦ୍ୟାଳୟ ର କୁଳପତିଙ୍କ ଜରିଆରେ ଛାତ୍ର ସଂସଦ ନିର୍ବାଚନର ତାରିଖ ଶୀଘ୍ର ଘୋଷଣା କରିବା ସହ ବିଶ୍ୱବିଦ୍ୟାଳୟର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦାବିରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାର, ନେତୃତ୍ୱ ବିକାଶ ଓ ସୁସ୍ଥ ଶିକ୍ଷା ପରିବେଶ ଗଠନରେ ଛାତ୍ର ସଂସଦ ନିର୍ବାଚନର ଗୁରୁତ୍ୱ ରହିଥିବାରୁ ସରକାରୀ ନିୟମ ଓ ନିର୍ଦ୍ଦେଶାବଳୀ ଅନୁଯାୟୀ ଶୀଘ୍ର ନିର୍ବାଚନ ତାରିଖ ଘୋଷଣା ଏବଂ ଆବଶ୍ୟକ ପରିଚାଳନା ସମିତି ଗଠନ କରିବାକୁ ପରିଷଦ ଦାବି କରିଛି। ଏହା ସହିତ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମୌଳିକ ସୁବିଧା ସୁନିଶ୍ଚିତ କରିବା ପାଇଁ କ୍ୟାଣ୍ଟିନ୍ ବ୍ୟବସ୍ଥା, ଅଡିଟୋରିୟମ୍ ନିର୍ମାଣ, ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରାବାସ ଓ ଛାତ୍ରୀନିବାସ, ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରାବାସ, ଇ-ଲାଇବ୍ରେରୀ ଓ ପାଠାଗାରରେ ପର୍ଯ୍ୟାପ୍ତ ପୁସ୍ତକ, ବଏଜ୍ କମନ୍ ରୁମ୍ ଏବଂ ଛାତ୍ରାବାସଗୁଡ଼ିକରେ ଉନ୍ନତ ସୁବିଧା ପ୍ରଦାନ ପାଇଁ ଦାବି କରାଯାଇଛି। ଛାତ୍ରାବାସ ଓ ଛାତ୍ରୀନିବାସରେ ବାଥରୁମ୍ ଏବଂ ଶୌଚାଳୟର ମରାମତି, ନିରବଚ୍ଛିନ୍ନ ଜଳ ଯୋଗାଣ, ସ୍ୱଚ୍ଛ ଓ ଗୁଣାତ୍ମକ ଖାଦ୍ୟ, ପର୍ଯ୍ୟାପ୍ତ ଆଲୋକୀକରଣ ଓ ପରିଷ୍କାର-ପରିଚ୍ଛନ୍ନତା ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ ମଧ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବିଶ୍ୱବିଦ୍ୟାଳୟର ସମସ୍ତ ଶ୍ରେଣୀକକ୍ଷ, ପ୍ରବେଶ ପଥ ଓ କାର୍ଯ୍ୟାଳୟରେ ସିସିଟିଭି ବ୍ୟବସ୍ଥା, କ୍ଲାସରୁମ୍ର ପରିଷ୍କାର-ପରିଚ୍ଛନ୍ନତା, ପରିସରରେ ଡଷ୍ଟବିନ୍ ବ୍ୟବସ୍ଥା, ଆବଶ୍ୟକ ଅଧାପକ ନିଯୁକ୍ତି, ବିଶ୍ୱବିଦ୍ୟାଳୟର ସମସ୍ତ ବ୍ଲକ୍ରେ ପାନୀୟ ଜଳ ବ୍ୟବସ୍ଥା ଏବଂ ପୁରୁଣା କ୍ଲାସରୁମ୍ ଓ ଛାତ୍ରାବାସର ମରାମତି ଓ ଉନ୍ନତୀକରଣ ପାଇଁ ମଧ ଦାବି ରଖାଯାଇଛି। ଏଥିସହ ବିଶ୍ୱବିଦ୍ୟାଳୟ ପରିସରରେ ଅଧିକ ଶୌଚାଳୟ ନିର୍ମାଣ, ପୁରୁଣା ଶୌଚାଳୟର ମରାମତି, ଜାତୀୟ ଶିକ୍ଷାନୀତି ଅନୁଯାୟୀ ଆଧୁନିକ ପାଠ୍ୟ ଉପକରଣ ଓ ପ୍ରୟୋଗଶୀଳ ଶିକ୍ଷା ବ୍ୟବସ୍ଥା, ସମସ୍ତ ବ୍ଲକ୍ରେ ପ୍ରାଥମିକ ଚିକିତ୍ସା ସୁବିଧା ଏବଂ ପ୍ରତ୍ୟେକ ଛାତ୍ରୀନିବାସରେ ସାନିଟାରୀ ନ୍ୟାପକିନ୍ ଭେଣ୍ଡିଂ ମେସିନ୍ ସ୍ଥାପନ କରିବାକୁ ଦାବି କରାଯାଇଛି। ଏବିଭିପି କେନ୍ଦୁଝର ପକ୍ଷରୁ କୁହାଯାଇଛି ଯେ, ଛାତ୍ରଛାତ୍ରୀଙ୍କ ଶିକ୍ଷା, ସୁରକ୍ଷା, ସ୍ୱାସ୍ଥ୍ୟ ଓ ମୌଳିକ ସୁବିଧା ସହ ଜଡ଼ିତ ଏହି ସମସ୍ୟାଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରି ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ। ଏହାଦ୍ୱାରା ବିଶ୍ୱବିଦ୍ୟାଳୟର ଶିକ୍ଷା ପରିବେଶ ଅଧିକ ସୁଦୃଢ଼ ଓ ଛାତ୍ରଛାତ୍ରୀଙ୍କ ପାଇଁ ଉପଯୋଗୀ ହୋଇପାରିବ।

# ମୁକ୍ତିଲାଭ କଲା ନୂଆ ଓଡ଼ିଆ ଚଳଚ୍ଚିତ୍ର ଚକ୍ରବୀରର ଟାଇଟଲ୍ ଗୀତ




ଭୁବନେଶ୍ୱର, ୨୫/୮ (ନି.ପ୍ର): ସୂର୍ଯ୍ୟା ଫିଲ୍ମ ୱାର୍ଲଡ ବ୍ୟାନର ପ୍ରସ୍ତୁତ ଚକ୍ରବୀରର ଟାଇଟିଲ ଗୀତ ମୁକ୍ତିଲାଭ କରିଛି । ଗୁରୁ କେଳୁ ଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର ଠାରେ ଏହି ଫିଲ୍ମର ଗୀତ ମୁକ୍ତିଲାଭ ଉତ୍ସବ ପାଳିତ ହୋଇଥିଲା । ସେହି ଅବସରରେ ଚକ୍ରବୀର ଚଳଚ୍ଚିତ୍ର ପ୍ରଯୋଜକ ତଥା ନିର୍ଦ୍ଦେଶକ ସୁରେନ୍ ମହାପାତ୍ର, ଓଡ଼ିଆ ଚଳଚ୍ଚିତ୍ର ଜଗତର ଅତି ଜଣାଶୁଣା ପ୍ରଯୋଜକ ସଚ୍ଚିକାନ୍ତ ଜେନା, ଅତୀଶ ରାଉତ, ରୋଟାରୀଆନ୍ନ, ବିକାଶ ଗରାବଡୁ, କେ ବଦ୍ରୀ ନାରାୟଣ ସୁବୁଦ୍ଧି, ଫିଲ୍ମର ପ୍ରଚାର ଓ ପ୍ରସାର ମୁଖ୍ୟ ପ୍ରଣୟ ଜେଠୀ, କୋରିଓଗ୍ରାଫର ବିଦ୍ୟୁତ ସେଠି, ଅଭିନେତା ମିଟୁ ମିଥୁନ ପ୍ରମୁଖ ଯୋଗଦେଇଥିଲେ । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ପ୍ରଦୀପ ପ୍ରଜ୍ୱଳନ ପରେ ଟାଇଟିଲ ଗୀତ ମୁକ୍ତିଲାଭ ହୋଇଥିଲା । ତା'ସହିତ ଆଉ ଦୁଇଟି ଗୀତ ମଧ ମୁକ୍ତିଲାଭ କରିଛି । ଚକ୍ରବୀର ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ସାଜିଥିଲେ ନାୟିକା ସୁପ୍ରିୟା ନାୟକ । ଟାଇଟିଲ ଗୀତଟି ତାଙ୍କ ନୃତ୍ୟାଭିନୟକୁ ନେଇ ଗତିଶୀଳ ହୋଇଛି । ଉନ୍ନତ ଜ୍ଞାନ କୌଶଳ ଭିଏଫଏକ୍ସ ମାଧ୍ୟମରେ ଗୀତଟି ତିଆରି ହୋଇଛି । ବିଶେଷ ଆକର୍ଷଣ ଥିଲା ଗୀତଟିର ନୃତ୍ୟ ପରିବେଷଣ । ଯାହାକୁ ଆଇକନିକ୍ କୋରିଓଗ୍ରାଫର ବିଦ୍ୟୁତ ସେଠି କୋରିଓଗ୍ରାଫି କରିଛନ୍ତି । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଏସବି ସ୍ମୃତି ଏବଂ ସାଇ ପ୍ରଜ୍ଞା କଣ୍ଠଦାନ କରିଥିବା ବେଳେ ଗୀତ ସୁଶାନ୍ତ ମଣି ଗୀତ ରଚନା କରିଛନ୍ତି । ଡିଓପି ସୀତାଂଶୁ ମହାପାତ୍ର, ସୁକୁମାର ମଣି ସମ୍ପାଦନା କରିଛନ୍ତି ଏବଂ ଗ୍ରାଫିକ୍ସ ଏବଂ ଭିଏଫଏକ୍ସ ଗୋପୀନାଥ କରିଛନ୍ତି । ବହୁ ଅଭିଜ୍ଞ ପ୍ରଯୋଜକ ତଥା ନିର୍ଦ୍ଦେଶକ ସୁରେନ୍ ମହାପାତ୍ର ଏହି ଚଳଚ୍ଚିତ୍ରକୁ ତ୍ରିଭାଷୀରେ ମୁକ୍ତିଲାଭ କରୁଛନ୍ତି । ତେଲୁଗୁ, ମରାଠୀ ଏବଂ ଓଡ଼ିଆ ଭାଷାରେ ମୁକ୍ତିଲାଭ କରିବା ପାଇଁ ପ୍ରସ୍ତୁତ ହୋଇଛି । ପ୍ରଯୋଜନା, ନିର୍ଦ୍ଦେଶନା ସହିତ ମୁଖ୍ୟ ନାୟକ ଭୂମିକାରେ ସୁରେନ୍ ମହାପାତ୍ର ନଜର ଆସୁଛନ୍ତି । ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଭଳି ଏକ ପ୍ରମୁଖ ବିଭାଗର ଦାୟିତ୍ୱରେ ପ୍ରଣୟ ଜେଠୀ ରହିଛନ୍ତି । ତେବେ ଏହି ଚଳଚ୍ଚିତ୍ରର କଣ୍ଟେଣ୍ଟ ମୁଖ୍ୟ ନାୟକ ହୋଇଥିବା ବେଳେ ଏହା ଏକ ସାମାଜିକ ବାର୍ତ୍ତା ନେଇ ଆସୁଥିବା କଥା ସୁରେନ୍ ମହାପାତ୍ର ଗଣମାଧ୍ୟମକୁ ପ୍ରକାଶ କରିଛନ୍ତି।

# ମାଣିଆବନ୍ଧର ବାନ୍ଧ କଳା



ଦିଲ୍ଲୀପ କୁମାର ସାହୁ

ଆମ ମହାପ୍ରଭୁ ଶ୍ରୀଜଗନ୍ନାଥ ଭାରି ବେଶ ପ୍ରିୟ। ପ୍ରତିଦିନ, ସକାଳୁ ରାତି ଭିତରେ ସେ ଅନେକଥର ବେଶ ହୁଅନ୍ତି। ପ୍ରତି ଥର ବେଶ ହେବାବେଳେ ସେ ପାଟ ଓ ଖଣ୍ଡୁଆ ବସ୍ତ୍ର ପରିଧାନ କରିଥାନ୍ତି। ସେହି ପାଟ ଓ ଖଣ୍ଡୁଆ ବସ୍ତ୍ର ବୁଣିଥାନ୍ତି ଆମ ରାଜ୍ୟର କୁଶଳୀ ବୁଣାକାର ମାନେ।

ସ୍ୱତନ୍ତ୍ର କୌଶଳ ଦ୍ୱାରା ସୂତାକୁ ରଙ୍ଗ କରି ରଙ୍ଗର ମାୟା ସୃଷ୍ଟିକୁ କୁହାଯାଏ ବାନ୍ଧ କଳା। ସେହି ରଙ୍ଗବେରଙ୍ଗର ସୂତାକୁ ହସ୍ତତନ୍ତ ରେ ଛନ୍ଦି ଅପୂର୍ବ କଳାକୃତି ରେ ପରିପୂର୍ଣ ଯେଉଁ ଶାଢ଼ୀ ବୁଣା ଯାଏ ସେଗୁଡିକୁ କୁହାଯାଏ ବାନ୍ଧ ଶାଢ଼ୀ। ବାନ୍ଧ ଶାଢ଼ୀ ବୁଣାରେ ସିଦ୍ଧ ହସ୍ତ ଆମ ରାଜ୍ୟର କୁଶଳୀ ବୁଣାକାର । ସେହି କୁଶଳୀ ବୁଣାକାର ମାନଙ୍କର ଗାଆଁ ଗୁଡିକ ମଧ୍ୟରୁ ଅନ୍ୟତମ କଟକ ଜିଲ୍ଲା ଅନ୍ତର୍ଗତ ବଡ଼ମ୍ବା ବ୍ଲକର ମାଣିଆବନ୍ଧ ଗାଆଁ । ଗାଆଁର ବୁଣାକାରମାନେ ବୁଣୁଥିବା ପାଟ ଲୁଗା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭାରି ପ୍ରିୟ ସିନା, ମହାପ୍ରଭୁଙ୍କ ପାଇଁ ଲୁଗା ବୁଣୁଥିବା ଏହି ବୁଣାକାରଙ୍କ ମଧ୍ୟରୁ ଅଧିକାଂଶ ବୌଦ୍ଧ ଧର୍ମାବଲମ୍ବୀ। ସେଥିପାଇଁ ମାଣିଆବନ୍ଧ ଗାଆଁରେ ରହିଛି ଅନେକ ଗୁଡ଼ିଏ ବୌଦ୍ଧ ମନ୍ଦିର। ଏହାକୁ ଦେଖିଲେ ମନେହୁଏ ସତେଯେମିତି ବୌଦ୍ଧ ଓ ଜଗନ୍ନାଥ ଧର୍ମର ସମ୍ମନ୍ୱୟ କ୍ଷେତ୍ର ଏହି ମାଣିଆବନ୍ଧ ଗାଆଁ।

ମାଣିଆବନ୍ଧ ଗାଆଁରେ ପ୍ରାୟ ବାରଶହ ପରିବାର ବାସ କରନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ପାଟ ଓ ମଠା ଲୁଗା ବୁଣାକୁ ସେମାନଙ୍କର ଜୀବିକା ଭାବେ ଗ୍ରହଣ କରିଛନ୍ତି ଓ ଲୁପ୍ତ ହୋଇଆସୁଥିବା ଏହି କଳାକୃତିକୁ ବଞ୍ଚାଇ ରଖିବାକୁ ପ୍ରୟାସ ଜାରି ରଖିଛନ୍ତି। ସେଥିପାଇଁ ଦିନକୁଦିନ ମାଣିଆବନ୍ଧରେ ତନ୍ତ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି।

କିମ୍ବଦନ୍ତୀ କହେ ଆମ ରାଜ୍ୟର ସାଧବ ମାନେ ବଣିଜ ବେପାର କରିବା ପାଇଁ ବାଲି ବରୋନିଓ ଯିବାବେଳେ ବିକ୍ରି ପାଇଁ ଯେଉଁ ସବୁ ସାମଗ୍ରୀ ନେଉଥିଲେ ସେଥିମଧ୍ୟରୁ ଅନ୍ୟତମ ଥିଲା ଏହି ହାତବୁଣା ପାଟ ଓ ମଠା ଶାଢ଼ୀ। ଆମ ନୌବାଣିଜ୍ୟ ପରମ୍ପରା ସପ୍ତମ ଶତାବ୍ଦୀରୁ ଆରମ୍ଭ ହୋଇଥିଲା। ତେଣୁ ଆମ ହସ୍ତତନ୍ତ କଳା ସେହି ସପ୍ତମ ଶତାବ୍ଦୀରୁ ସୃଷ୍ଟି ହୋଇଥିବା କଥା ବିଶେଷଜ୍ଞ ମାନେ ମତ ରଖନ୍ତି। ଆଉ କେତେକ ଗବେଷକଙ୍କ ମତରେ ଏହି ବୁଣାକାର ମାନେ ବୌଦ୍ଧଧର୍ମୀ ହୋଇଥିବାରୁ ବାନ୍ଧ କଳା ବୌଦ୍ଧଧର୍ମ ପ୍ରଚାର ପ୍ରସାର ସହ ଜଡ଼ିତ, ଅର୍ଥାତ୍ ଖ୍ରୀଷ୍ଟ ଜନ୍ମର ବହୁ ପୂର୍ବରୁ ରାଜ୍ୟରେ ହସ୍ତ ତନ୍ତ ଶିଳ୍ପକଳା ତାର ସ୍ୱତନ୍ତ୍ରତା ବଜାୟ ରଖିଆସିଛି । ଗାଆଁର ପୁରୁଣାକାଳିଆ ଲୋକେ କୁହନ୍ତି ମାଣିଆବନ୍ଧ ଗାଁର ବୁଣାକାର ମାନେ ପ୍ରାୟ ପ୍ରଥମ ଶତାବ୍ଦୀରୁ ଏହି ପାଟବୁଣା କାମ କରିଆସୁଛନ୍ତି। ସେତେବେଳଠାରୁ ଟସର ସୂତାରେ ହସ୍ତଚାଳିତ ତନ୍ତ ଦ୍ୱାରା ଖଣ୍ଡୁଆ ପାଟ ବୁଣା ଯାଉଛି । ଇତିହାସ କହେ ଚୀନ ପରିବ୍ରାଜକ ହୁଏନ ସାଂ ମାଣିଆବନ୍ଧକୁ ଆସିଥିଲେ ଏବଂ ଏଠାରୁ ଏକ ମାଣିଆବନ୍ଧି ଯୋଡ ସାଙ୍ଗରେ ନେଇଥିଲେ ।

କଟକରୁ ଆଠଗଡ଼, ଆଠଗଡରୁ ଆଗକୁ ପ୍ରାୟ ୩୦ କିଲୋମିଟରର ରାସ୍ତା ଅତିକ୍ରମ କଲେ ପଡେ ଡିଗିରିଆ, କଟକ ଜିଲ୍ଲାର ଏକ ବ୍ଲକ ସଦର ମହକୁମା । ଡିଗିରିଆରୁ ମାଣିଆବନ୍ଧ ଗାଆଁର ଦୂରତା ମାତ୍ର ପନ୍ଦର କିଲୋମିଟର। ଗାଆଁ ରେ ପ୍ରବେଶ କଲେ ଘରମାନଙ୍କ ଆଗରେ ଝୁଲୁଥାଏ ରଙ୍ଗ ବେରଙ୍ଗର ଶାଢ଼ୀ, ଖଣ୍ଡୁଆ, ରୁମାଲ ଓ ସବୁ ଘରୁ ଭାସିଆସୁଥାଏ ହସ୍ତତନ୍ତର ଖଟ୍ ଖଟ୍ ଶବ୍ଦ। ପାଟ ବୁଣାରେ ବ୍ୟସ୍ତ ଥାଆନ୍ତି ବୁଣାକାର ମାନେ। ଏହି ପାଟ ବୁଣାରେ କେବଳ ପୁରୁଷମାନେ ନୁହଁନ୍ତି ମହିଳା ମାନଙ୍କ ଯୋଗଦାନ ମଧ୍ୟ କିଛି କମ୍ ନୁହେଁ।

ଲୁଗା ବୁଣିବା ପୂର୍ବରୁ ପ୍ରଥମେ ସୂତାକୁ ରଙ୍ଗ କରାଯାଏ।ଏହି ରଙ୍ଗ କରିବା ଶୈଳୀକୁ କୁହାଯାଏ ବାନ୍ଧ। ଏଥିରେ ଗୋଟିଏ ଗୋଛା ସୂତାକୁ ଏମିତି ବାନ୍ଧି ବାନ୍ଧି ରଙ୍ଗ କରାଯାଏ ଯେ ସୂତା ଗୋଛାର ଗୋଟିଏ ଗୋଟିଏ ଅଂଶ ଭିନ୍ନ ଭିନ୍ନ ରଙ୍ଗରେ ରଙ୍ଗେଇ ହୋଇଥାଏ। ସେହି ରଙ୍ଗ ବେରଙ୍ଗର ସୂତାରେ ଲୁଗା ବୁଣା ଯାଏ।

ମାଣିଇବନ୍ଧରେ ଲୁଗା ବୁଣିବା ପାଇଁ ପିଟ୍ ତନ୍ତ ଓ ଫ୍ରେମ୍ ତନ୍ତ ବ୍ୟବହାର କରାଯାଏ । ଏହି ତନ୍ତ ଗୁଡିକ କାଠ ନିର୍ମିତ ଯନ୍ତ୍ର । ଲୁଗା ବୁଣାଯିବା ପୂର୍ବରୁ ବସ୍ତ୍ର ଆକାରରେ ଏକ ଢାଞ୍ଚା ପ୍ରସ୍ତୁତ କରାଯାଇଥାଏ, ଯେଉଁଥିରେ ସୂତାକୁ 'ଟାଣି' ଓ ଭରଣୀ ସାହାଯ୍ୟରେ ଛନ୍ଦି ଛନ୍ଦି ଲୁଗା ବୁଣାଯାଇଥାଏ । ତନ୍ତ ସହିତ ଲାଗିଥିବା 'ଡବି' ସାହାଯ୍ୟରେ ଲୁଗା ଧଡି ଉପରେ ଚିତ୍ର ଓ ବିଭିନ୍ନ କାରୁକାର୍ଯ୍ୟ କରାଯାଏ । ଏହି ଲୁଗାବୁଣାରେ ପରିବାରର ପ୍ରାୟ ସବୁ ଲୋକ ସାହାଯ୍ୟ କରନ୍ତି। ସେଥିପାଇଁ ସେମାନେ ଯେତେବେଳେ, 'ବୋହୂ' ଘରଟିଏ ଖୋଜି ଯାଆନ୍ତି, ବୋହୂ ଲୁଗା ବୁଣା ଜାଣିଛନ୍ତି କି ନା, ପ୍ରଥମେ ବୁଝିଥାନ୍ତି।

ପାଟ ଏବଂ ରେଶମର ଧୋତି, ଯୋଡ଼, ଖଣ୍ଡୁଆ, ତାରାବଳି, କୁମ୍ଭ, ବୁଟି ଆଦି ପ୍ରାୟ ଅର୍ଦ୍ଧ ଶତକରୁ ଅଧିକ ପ୍ରକାରର ଉତ୍କୃଷ୍ଟ ବସ୍ତ୍ର ମାଣିଆବନ୍ଧରେ ବୁଣାଯାଏ। ଏହାଦ୍ୱାରା ବୁଣାକାରମାନେ କେବଳ ରାଜ୍ୟ ସ୍ତରରେ ନୁହେଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ନିଜର ହସ୍ତକଳା ପାଇଁ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି।

ଗ୍ରାମରେ ପ୍ରାଚୀନ ବୁଦ୍ଧ ମନ୍ଦିରମାନ ଥିବାବେଳେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏଠାରେ ଏକ ବୁଦ୍ଧ ବିହାର ପ୍ରତିଷ୍ଠା କରାଯାଇଛି। ଫଳରେ ମାଣିଆବନ୍ଧ ପାଲଟି ଯାଇଛି ବୟନ ପର୍ଯ୍ୟଟନ ଗ୍ରାମ। ଯାହାଦ୍ୱାରା ଏଠାରେ ପର୍ଯ୍ୟଟନ ମାଧ୍ୟମରେ ସ୍ଥାୟୀ ଗ୍ରାମୀଣ ବିକାଶ ପାଇଁ କ୍ଷେତ୍ର ସୃଷ୍ଟି ହୋଇ ପାରିଛି। ବୌଦ୍ଧ ମନ୍ଦିର ଓ ବିହାର ସହିତ ହସ୍ତତନ୍ତ ରେ କିପରି ମନଲୋଭା କଳାକୃତି ସୃଷ୍ଟି ହୋଇପାରୁଛି ତାହା ଦେଖିବାପାଇଁ ପ୍ରତିଦିନ ଏଠାକୁ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକମାନେ ଆସିଥାନ୍ତି। ମାଣିଆବନ୍ଧର କଳା ଓ ସଂସ୍କୃତି ସହିତ ହସ୍ତତନ୍ତ ବସ୍ତ୍ର ଏବଂ କୁଶଳୀ ବୁଣାକାରଙ୍କ ହସ୍ତ କାରିଗରୀ ବିଦ୍ୟା ସେମାନଙ୍କୁ ବେଶ ଆକୃଷ୍ଟ କରିଥାଏ। ଶାଢ଼ୀ ବୁଣା ଏବଂ ବୌଦ୍ଧ ମନ୍ଦିର ଓ ବିହାରକୁ ବୁଲି ଦେଖିବା ସହିତ ରଙ୍ଗ ବେରଙ୍ଗର କଳାକୃତି ବିଜଡ଼ିତ ବସ୍ତ୍ରର ମୋହରେ ପଡ଼ି ପର୍ଯ୍ୟଟକମାନେ ଖଣ୍ଡେ ଦୁଇଖଣ୍ଡ ଶାଢ଼ୀ କିଣିବାକୁ ମନ ବଳାଇଥାନ୍ତି। ଏହା ବୁଣାକାର ମାନଙ୍କ ଆୟ ବୃଦ୍ଧିରେ ବେଶ୍ ସହାୟକ ହୋଇଥାଏ ।

ମହାତ୍ମା ଗାନ୍ଧୀଙ୍କ ଭାଷାରେ ଭାରତର ଆତ୍ମା ଗାଆଁରେ ଅଛି । ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଥିବା ଯେଉଁ ଗାଆଁର ଲୋକେ ପରମ୍ପରାକୁ ବଜାୟ ରଖି ଧାର୍ମିକ ସମ୍ପ୍ରିତିକୁ ସମ୍ମାନ ଦେଇ ଗୋଷ୍ଠୀଗତ ଭାବରେ କୌଣସି ପାରମ୍ପରିକ କଳା କୌଶଳ ଦ୍ୱାରା ଆର୍ଥିକ ଅଗ୍ରଗତି କରିଥାନ୍ତି, ସେହି ଗ୍ରାମକୁ କେନ୍ଦ୍ର ସରକାର 'ସର୍ବୋତ୍ତମ ପର୍ଯ୍ୟଟନ ଗ୍ରାମ' ସମ୍ମାନ ପ୍ରଦାନ କରନ୍ତି। ସେହି ସମ୍ମାନ ଲାଭ କରି ରାଜ୍ୟ ପାଇଁ ଗୌରବ ଆଣିଥିବା ଗାଆଁ ହେଉଛି ଏହି ମାଣିଆବନ୍ଧ। ମାଣିଆବନ୍ଧ ଖଣ୍ଡୁଆ ପାଟର ରହିଛି ସ୍ୱତନ୍ତ୍ରତା। ଖଣ୍ଡୁଆ ଅର୍ଥ, ଯାହା ଖଣ୍ଡିଆ ହୁଏନି ବା ଯାହାକୁ ଖଣ୍ଡଖଣ୍ଡ କରା ଯାଏନି କିମ୍ବା ଚିରାଯାଏନି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାରେ ଲାଗୁଥିବା ଖଣ୍ଡୁଆ ପାଟ ମାଣିଆବନ୍ଧର ବୁଣାକାର ମାନେ ବୁଣୁଥିବାରୁ ସେମାନେ ଆନନ୍ଦର ସହ ନିଜନିଜକୁ ମହାପ୍ରଭୁଙ୍କ ସେବକ ଭାବରେ ପରିଚୟ ଦିଅନ୍ତି। ମାଣିଆବନ୍ଧ ଗାଆଁରୁ ବର୍ଷକୁ ପ୍ରାୟ ପନ୍ଦର ଖଣ୍ଡ ଗୀତଗୋବିନ୍ଦ ଖଣ୍ଡୁଆ ପାଟ ଶ୍ରୀମନ୍ଦିରକୁ ଯାଇଥାଏ। ବୁଣାକାର ମାନେ ଖୁବ୍ ନିଷ୍ଠାର ସହ ଏହି ପାଟ ବୁଣିଥାନ୍ତି। ଯେଉଁ ପରିବାର ଗୀତଗୋବିନ୍ଦ ପାଟ ବୁଣନ୍ତି, ସେ ପରିବାରରେ ଆଇଁଷ ପସେନାହିଁ। ଘରର ସମସ୍ତେ ଅରୁଆ ଖାଆନ୍ତି। ପାଟ ବୁଣା ଯାଉଥିବା ସମୟରେ ସେଥିରେ ଯେମିତି ବାହାର ଲୋକଙ୍କ ଦୃଷ୍ଟି ନପଡେ ସେଦିଗରେ ଯଥେଷ୍ଟ ଧ୍ୟାନ ଦିଆଯାଇଥାଏ।

ମହାପ୍ରଭୁ ଶ୍ରୀଜଗନ୍ନାଥ ସାତ ଦିନରେ ସାତ ରଙ୍ଗର ପାଟ ପରିଧାନ କରିଥାନ୍ତି। ତେଣୁ ଦିଅଁଙ୍କ ପାଇଁ ସିନା ସାତ ରଙ୍ଗର ପାଟ ତିଆରି କରାଯାଏ, ବଜାର ଚାହିଦାକୁ ଦେଖି ବୁଣାକାରମାନେ ବିଭିନ୍ନ ରଙ୍ଗର ଓ ବିଭିନ୍ନ ଚିତ୍ରକଳା ଯୁକ୍ତ ପାଟ ବୁଣିଥାନ୍ତି,ଯାହା ଗ୍ରାହକ, ବିଶେଷ କରି ମହିଳା ମାନଙ୍କୁ ଖୁବ୍ ଆକୃଷ୍ଟ କରିଥାଏ ଓ ସେମାନେ ଖୁସିର ସହ ସେହି ପାଟ ଶାଢ଼ୀ କ୍ରୟ କରିଥାନ୍ତି।

ମାଣିଆବନ୍ଧ ପାଟ ଓ ମଠା ଶାଢ଼ୀ ରାଜ୍ୟ ସରକାରଙ୍କ ବୟନିକା ବିକ୍ରୟ କେନ୍ଦ୍ରରେ ବିକ୍ରୀ ହୁଏ। ଏହାଛଡା ବିଭିନ୍ନ ମେଳା ମହୋତ୍ସବ ରେ ଆୟୋଜିତ ହେଉଥିବା ପ୍ରଦର୍ଶନୀ ମାନଙ୍କରେ ମଧ୍ୟ ମାଣିଆବନ୍ଧ ଶାଢ଼ୀ ଷ୍ଟଲ ମାନ ଦେଖିବାକୁ ମିଳେ। ଏହି ଷ୍ଟଲ ମାନଙ୍କ ରେ ଗ୍ରାହକଙ୍କ ଗହଳି ଶାଢ଼ୀ ରଚାହିଦାକୁ ପ୍ରତିପାଦିତ କରିଥାଏ। ବୁଣାକାର ମାନଙ୍କୁ ପ୍ରୋତ୍ସାହିତ କରିବାପାଇଁ ମାଣିଆବନ୍ଧରେ ପ୍ରାୟ ପନ୍ଦର ଗୋଟି ତନ୍ତବାୟ ସହଯୋଗ ସମିତି ରହିଛି। ସେଥିରୁ ଗୋଟିଏ ଦଲାଇଲାମା ବୁଦ୍ଧିଷ୍ଟ ତନ୍ତବାୟ ସହଯୋଗ ସମିତି । ୧୯୭୩ ମସିହାରେ ଦଲାଇଲାମା ଏହି ଗ୍ରାମକୁ ବୁଲି ଆସିଥିଲେ। ବୁଣାକାରଙ୍କ ବିକାଶ ନିମନ୍ତେ ତନ୍ତବାୟ ସହଯୋଗ ସମିତି ପ୍ରତିଷ୍ଠା ପାଇଁ ୧୦,୦୦୦ ଟଙ୍କା ପ୍ରଦାନ କରିଥିଲେ। ଏହି ସମିତି ପକ୍ଷରୁ ବୁଣାକାର ମାନଙ୍କୁ କଞ୍ଚାମାଲ ଅର୍ଥାତ୍ ସୂତା, ରଙ୍ଗ ଓ ବିଭିନ୍ନ ପ୍ରକାର ରାସାୟନିକ ପଦାର୍ଥ ଯୋଗାଇ ଦିଆଯାଏ ଓ ତାଙ୍କଠାରୁ ଫିନିସ୍ଡ଼ ପ୍ରଡକ୍ଟ, ଅର୍ଥାତ ଶାଢ଼ୀ, ଖଣ୍ଡୁଆ ଓ ଅନ୍ୟାନ୍ୟ ବସ୍ତ୍ର, ବୁଣା ମଜୁରୀ ଦେଇ ସଂଗ୍ରହ କରାଯାଏ। ଉତ୍କର୍ଷ କଳାର ନିଦର୍ଶନ ମାଣିଆବନ୍ଧ ପାଟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରିୟ ମାଣିଆବନ୍ଧ ଖଣ୍ଡୁଆ। ମହିଳାମାନଙ୍କର ମନ ଜିଣା ମାଣିଆବନ୍ଧ ଶାଢ଼ୀ। ଓଡ଼ିଶାର ଗର୍ବ ଓ ଗୌରବ ମାଣିଆବନ୍ଧର ବୁଣାକାର। ବାନ୍ଧ କଳା ପାଇଁ ମାଣିଆବନ୍ଧ ସମସ୍ତଙ୍କ ହୃଦୟ ଜିଣୁଥାଉ ଆମର ଏତିକି କାମନା ।

+ ଶଙ୍କରପୁର, ଚାରବାଟିଆ, କଟକ
ମୋ: ୭୦୭୭୨୦୬୯୭୭

# ଅଣଦେଖା କରନ୍ତୁନି ସର୍କଲ ରେଟକୁ



ଯୁଧିଷ୍ଠିର ମହାରଣା

ଆମ ମାନଙ୍କ ଭିତରୁ ଅଧିକାଂଶ କିଣା ବିକା ସମୟରେ ସର୍କଲ ରେଟଟିକୁ ଏକପ୍ରକାର ନଜର ଅନ୍ଦାଜ କରିଥାନ୍ତି ତେବେ ଏହା ଉପରେ ଆପଣଙ୍କର ସମ୍ପତ୍ତି, ଘରବାଡିର ଟିକସ, ଏହା ସହ ପଞ୍ଜୀକରଣ ଖର୍ଚ୍ଚ, ଏହା ସହିତ କେତେକ କ୍ଷେତ୍ରରେ ଗୃହଋଣର ପରିମାଣ ଏହା ଉପରେ ନିର୍ଭରଶୀଳ। ଯଦିଓ ଆପଣ କମ ଦାମରେ ଡିଲ କରନ୍ତି ସରକାର କିନ୍ତୁ ସର୍କଲ ରେଟ ହିସାବରେ ମୂଲ୍ୟ ନିଅନ୍ତି। ତେଣୁ ବାସ୍ତବରେ ଅର୍ଥନୀତି ବିଷାରଦ ତଥା ଟ୍ୟାକ୍ସ ଉପରେ ଅଧ୍ୟୟନ କରୁଥିବା ଗବେଷକମାନଙ୍କ ମତ ସର୍କଲ ରେଟ ନ ବୁଝି ସମ୍ପତ୍ତି କିଣିବା ଅନେକଙ୍କ କ୍ଷେତ୍ରରେ ଭଲଟା ଭେଲ ହୋଇଯାଏ।

ଆସନ୍ତୁ ସର୍ବପ୍ରଥମେ ଜାଣିବା ସର୍କଲ ରେଟ କ'ଣ? ଏହା ହେଉଛି ରାଜ୍ୟ ସରକାରଙ୍କ ଦ୍ୱାରା ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ, ଅଞ୍ଚଳରେ ସମ୍ପତ୍ତି ବାଡ଼ି କ୍ରୟବିକ୍ରୟ ପଞ୍ଜୀକରଣ ପାଇଁ ଧାର୍ଯ୍ୟକୃତ ସର୍ବନିମ୍ନ ମୂଲ୍ୟରାଶି। ଅନ୍ୟ ଭାବରେ ଏହାକୁ 'ରେଡ଼ିରେକନର ରେଟ ବି' କୁହନ୍ତି। ଏହାକୁ ନେଇ ସମ୍ପତ୍ତିର ପଞ୍ଜୀକରଣ ଖର୍ଚ୍ଚ, ଷ୍ଟାମ୍ପ ଡ୍ୟୁଟି ନିର୍ଣ୍ଣୟ ହୋଇଥାଏ। ବାସ୍ତବରେ ସରକାରଙ୍କ ରାଜସ୍ୱ ବିଭାଗ ପ୍ରତି ବର୍ଷ ବା ଦୁଇ ତିନି ବର୍ଷରେ ଥରେ ସେ ସମୟର ବଜାର ସ୍ଥିତିକୁ ଦେଖି ସର୍କଲ ରେଟ ନିର୍ଦ୍ଧାରଣ କରିଥାନ୍ତି।

ଅନେକଙ୍କ ଭିତରେ ପ୍ରଶ୍ନ ଉଙ୍କି ମାରୁଥିବ ଯେ ସର୍କଲ ରେଟ କିଭଳି ନିର୍ଣ୍ଣୟ ହୁଏ? ଏହାର ସରଳ ଉତ୍ତରଟି ହେଉଛି ସରକାର ଏହି ସର୍କଲ ରେଟ ନିର୍ଦ୍ଧାରଣ କଲା କ୍ଷେତ୍ରରେ ଅନେକ ଦିଗକୁ ଦେଖିଥାନ୍ତି, ବିଶେଷଜ୍ଞଙ୍କ ପରାମର୍ଶ ପରେ ଅନୁଶୀଳନ ହୋଇଥାଏ। ସମ୍ପତ୍ତିର ଲୋକେସନ ବା ଅବସ୍ଥିତି ପ୍ରସଙ୍ଗଟି ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ବଡ଼ ଦିଗ। ଏହା ନିଃସନ୍ଦେହ ଉନ୍ନତ ସଂଯୋଗ, ପାନୀୟଜଳ, ଉନ୍ନତମାନର ରାସ୍ତା ଓ ଭିତ୍ତିଭୂମି ଯେଉଁ ଅଞ୍ଚଳରେ ଅଧିକ ସହାୟକ ଓ ଉପଯୋଗୀ ଭାବେ ସାବ୍ୟସ୍ତ ହୋଇଥାଏ ଏହାର ଗୁରୁତ୍ୱ ଅଧିକ ବଢ଼େ। ସେହିପରି ଅନ୍ୟ ଏକ ଦିଗଟି ହେଉଛି ଆବାସିକ କ୍ଷେତ୍ର, ସେହିପରି ବାଣିଜ୍ୟିକ ଠାରୁ ଶିକ୍ଷାଞ୍ଚଳ ପାଇଁ ଭିନ୍ନ ଭିନ୍ନ ହାର ନିର୍ଦ୍ଧାରଣ କରାଯାଇଥାଏ। ଏ ସବୁ ଭିତରେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ଏହାର ମାଲିକାନା। ଅର୍ଥାତ୍ ଫ୍ରିହୋଲଡ ଓ ଲିଜହୋଲଡ଼ ସମ୍ପତ୍ତିର ମଧ୍ୟ ହାର ସମାନ ହେବାରେ କିଛି ମାନେ ନାହିଁ, ଭିନ୍ନ ହୋଇପାରେ। ଏହାସହିତ ଅନ୍ୟ ଏକ ଦିଗଟି ହେଉଛି ଅଞ୍ଚଳଟି ଯଦି ବିଦ୍ୟାଳୟ, ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ, ଡାକ୍ତରଖାନା, ବଜାର ଭଳି ଉନ୍ନତ ଓ ସବୁ କ୍ଷେତ୍ରର ଉଚ୍ଚମାନର ମୌଳିକ ସୁବିଧା ଥାଏ ତେବେ ଏହା ମଧ୍ୟ ପରୋକ୍ଷରେ ପ୍ରଭାବିତ କରେ। ଛୋଟ କିମ୍ବା ପୁରୁଣା ସମ୍ପତ୍ତିର ହାର ଭିନ୍ନ ଥାଇପାରେ।

ଯେଉଁମାନେ ରିୟଲ ଇଷ୍ଟେଟ ବଜାର କ୍ଷେତ୍ରରେ ପୁଞ୍ଜି ଲଗାଇଛନ୍ତି ସେମାନେ ସର୍କଲ ରେଟକୁ ସର୍ବାଧିକ ଗୁରୁତ୍ୱ ଦେଇଥାନ୍ତି। ସର୍କଲ ରେଟ ସମୟ ସମୟରେ ରିୟଲ ଇଷ୍ଟେଟର ବଜାରକୁ ଦେଖି ନିର୍ଦ୍ଧାରିତ ହୋଇଥାଏ। ସମସ୍ତେ ଭଲ ଭାବେ ଜାଣନ୍ତି ଯେଉଁଠି ଚାହିଦା, ସେହିଠି ଚଢ଼ା ରେଟ। ଆଉ ଯେଉଁଠି ଚାହିଦା ପଛୁଆ ଦରଦାମ ମଧ୍ୟ ପଛୁଆ ଅର୍ଥାତ୍ କମିଯାଏ। ହଁ, ଏଇଠି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ସମ୍ପର୍କରେ ଉଲ୍ଲେଖ କରୁଛୁ। କେତେକ କ୍ଷେତ୍ରରେ ମୂଲ୍ୟକୁ କମ ଦର୍ଶାଇ ସରକାରଙ୍କ ଷ୍ଟାମ୍ପ ଡ୍ୟୁଟିରୁ ଖସିଯିବାକୁ ଯେଉଁ କ୍ରେତା ଓ ବିକ୍ରେତା କରୁଥାନ୍ତି ଏହା ଦଣ୍ଡନୀୟ ଅପରାଧ ଅନ୍ତର୍ଗତ। ଅସଲ କଥା ହେଉଛି ସାଧାରଣତଃ ଭାରତର ବ୍ୟାଙ୍କ ବ୍ୟବସ୍ଥା ଯାହା ସେମାନେ ସର୍କଲ ରେଟ ଓ ପ୍ରକୃତ ଦାମ ଦ୍ୱାରା ସ୍ଥିର କରାଯାଇଥିବା କମ ମୂଲ୍ୟ ଉପରେ ଋଣ ନିର୍ଣ୍ଣୟ କରନ୍ତି। ଆଉ ଗୋଟିଏ ମନେରଖିବା କଥା ଯଦି ଜଣଙ୍କର ସର୍କଲ ରେଟ କମ ରୁହେ ତେବେ ତାଙ୍କର ଋଣ ନେବାର ଯୋଗ୍ୟତା ନିଶ୍ଚିତ ଭାବରେ କମିଯିବ। ଏହାର ପରିଣତି ସ୍ୱରୂପ ଅଧିକ ଡାଉନ ପେମେଣ୍ଟ ଦେବାକୁ ପଡ଼ିପାରେ। ଏହା ବ୍ୟତୀତ ବ୍ୟାଙ୍କ ଓ ଆର୍ଥିକ ପ୍ରତିଷ୍ଠାନ ମଧ୍ୟ ଏହି ଆଧାରକୁ ଦେଖି ସମ୍ପତ୍ତିର ମୂଲ୍ୟ ନିର୍ଦ୍ଧାରଣ କରନ୍ତୁ। ଶେଷରେ ଗୃହ ଋଣ ପାଇଁ ଯୋଗ୍ୟତା ନିର୍ଣ୍ଣୟ ନିର୍ଦ୍ଧାରଣ କରାଯାଏ। ତେଣୁ ଯଦି ସମ୍ପତ୍ତି ବାଡ଼ି କିଣୁଛନ୍ତି ତେବେ ସର୍ବପ୍ରଥମେ ସର୍କଲ ରେଟ ସମ୍ପର୍କରେ ବୁଝନ୍ତୁ ନ ହେଲେ ପରେ ପସ୍ତେଇବେ। ଧନକ୍ଷୟ, ଧାଁ ଧଉଡ, ଅସ୍ତବ୍ୟସ୍ତ ଭିତରେ ଆଇନ କାନୁନ କଥା ଶେଷରେ ମାନସିକ ଚିନ୍ତାଗ୍ରସ୍ତ ହେବେ ଯେତେବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହିଯାଇଥିବ।

+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ : ୯୪୩୭୧୬୩୫୨୮

# ଅଦାଲତରେ ପୁଣି ଆସିଲା ଗାନ୍ଧୀ ହତ୍ୟାକାଣ୍ଡ

ଗୋପାଳ ମହାପାତ୍ର



ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କ ହତ୍ୟା ସହ ଯୋଡି ହୋଇଥିବା ଇତିହାସ ଏବେ ପୁଣିଥରେ ଅଦାଲତି କାର୍ଯ୍ୟର କେନ୍ଦ୍ରରେ ରହିଛି। ପୁଣେର ଏକ ଅଦାଲତରେ ଚାଲିଥିବା ଅପରାଧିକ ମାନହାନୀ ମାମଲାର ଶୁଣାଣୀ ବେଳେ ବିନାୟକ ଦାମୋଦର ସାବରକରଙ୍କ ନାତି (ପ୍ରପୌତ୍ର) ସାତ୍ୟକୀ ସାବରକର ମହାତ୍ମାଗାନ୍ଧୀଙ୍କ ହତ୍ୟା ଏବଂ ନାଥୁରାମ ଗୋଡ଼ସେ ବାବଦରେ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି। ଏହି ମାମଲା କଂଗ୍ରେସ ନେତା ଏବଂ ଲୋକସଭାରେ ବିରୋଧିଦଳ ନେତା ରାହୁଲଗାନ୍ଧୀଙ୍କ ବିରୁଦ୍ଧରେ ସାତ୍ୟକୀ ସାବରକରଙ୍କ ଦ୍ୱାରା ଦାଏର କରାଯାଇଥିବା ଅପରାଧିକ ମାନହାନୀ ଅଭିଯୋଗ ସହ ଜଡ଼ିତ। ଗତ ଅଗଷ୍ଟ ୧୭ ତାରିଖରେ ରାହୁଲ ଗାନ୍ଧୀଙ୍କ ଓକିଲ ମିଳିନ୍ଦ ପଓ୍ୱାର ସାତ୍ୟକୀ ସାବରକରଙ୍କୁ ପ୍ରଥମ ଶ୍ରେଣୀ ନ୍ୟାୟିକ ମାଜିଷ୍ଟ୍ରେଟ ଅମୋଲ ଶ୍ରୀରାମ ସିନ୍ଧେଙ୍କ ଅଦାଲତରେ ଜେରା କରିଥିଲେ। ଜେରାବେଳେ ମହାତ୍ମାଗାନ୍ଧୀଙ୍କ ହତ୍ୟା, ନାଥୁରାମ ଗୋଡ଼ସେ, ନାରାୟଣ ଆପଟେ, ଗୋପାଳ ଗୋଡ଼ସେ ଏବଂ ବିନାୟକ ଦାମୋଦର ସାବରକରଙ୍କ ସହ ଯୋଡିହୋଇଥିବା ଐତିହାସିକ ଘଟଣାକ୍ରମ ବାବଦରେ ରାହୁଲଙ୍କ ଓକିଲ ସାତ୍ୟକୀ ସାବରକରଙ୍କୁ ପ୍ରଶ୍ନ ପଚାରିଥିଲେ। ଏହି ଜେରାରେ ରାହୁଲଙ୍କ ଓକିଲଙ୍କ ପ୍ରଶ୍ନର ଉତ୍ତରଦେଇ ସାତ୍ୟକୀ ସାବରକର ସ୍ୱୀକାର କରିଥିଲେ ଯେ ୧୯୪୮ ମସିହା ଜାନୁୟାରୀ ୩୦ ତାରିଖରେ ଦିଲ୍ଲୀର ବିରଳା ହାଉସ ଠାରେ ନାଥୁରାମ ଗୋଡ଼ସେ ମହାତ୍ମା ଗାନ୍ଧୀଙ୍କୁ ଗୁଳିମାରି ହତ୍ୟା କରିଥିଲେ। ସାତ୍ୟକୀ ସାବରକର ତାଙ୍କ ପରିବାର ର ସଦସ୍ୟ ମାନଙ୍କର ଗାନ୍ଧୀ ହତ୍ୟା ମାମଲାରେ ଥିବା ଭୂମିକାକୁ ମଧ୍ୟ ସ୍ୱୀକାର କରିଥିଲେ। ସାତ୍ୟକୀ ସାବରକର ସ୍ୱୀକାର କରିଥିଲେ ଯେ ଗୋପାଳ ଗୋଡ଼ସେ ଏବଂ ତାଙ୍କ ଜେଜେବାପା ବିନାୟକ ଦାମୋଦର ସାବରକରଙ୍କୁ ଗାନ୍ଧୀହତ୍ୟା ମାମଲାର ଅଭିଯୁକ୍ତ କରାଯାଇଥିଲା। ସତ୍ୟକୀ ଏକଥା ମଧ୍ୟ ସ୍ୱୀକାର କରିଥିଲେ ଯେ ଗୋପାଳ ଗୋଡ଼ସେ ଏବଂ ନାଥୁରାମ ଗୋଡ଼ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର (ଆରଏସ୍?ଏସ୍?) ସକ୍ରୀୟ ସଦସ୍ୟ ଥିଲେ।


ମହାତ୍ମା ଗାନ୍ଧୀଙ୍କ ହତ୍ୟା ପରଠାରୁ ନାଥୁରାମ ଗୋଡ଼ସେଙ୍କ ବୈଚାରିକ ପୃଷ୍ଠଭୂମିକୁ ନେଇ ଦୀର୍ଘବର୍ଷ ହେଲା ବିମର୍ଷ ଚାଲିଥିବା ବେଳେ ସାତ୍ୟକୀ ସାବରକରଙ୍କ ଏହି ସ୍ୱୀକାରୋକ୍ତି ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ। ଗାନ୍ଧୀଙ୍କ ହତ୍ୟା ପରଠାରୁ ଗୋଡ଼ସେଙ୍କ ସଂଘ ସହ ସମ୍ପର୍କକୁ ନେଇ ଭିନ୍ନ ଭିନ୍ନ କଥା କୁହାଯାଉଥିଲା। ଅଦାଲତରେ ଜେରା ବେଳେ ଏହି ବିଶୟ ସାମନାକୁ ଆସିବା ପରେ ମାମଲା ଅଧିକ ସମ୍ବେଦନଶୀଳ ପାଲଟି ଯାଇଛି। ସଂଘର ଦ୍ୱିତୀୟ ସରସଂଘ ଚାଳକ ଗୋଲବଲକର ଏବଂ ଦିଗମ୍ବର ବଡ଼ଗେ ଗାନ୍ଧୀ ହତ୍ୟା ମାମଲାରେ ଅଭିଯୁକ୍ତ ଥିଲେ କି ନାହିଁ ସେ ବାବଦରେ ସାତ୍ୟକୀ ଜାଣିନାହାଁନ୍ତି ବୋଲି କହିଥିଲେ। ଜେରା ବେଳେ ସାତ୍ୟକୀ କହିଥିଲେ ଯେ ନାଥୁରାମଙ୍କ ଗୁଳିମାଡ଼ ପରେ ପାଖାପାଖି ୨୦ ମିନିଟ ପର୍ଯ୍ୟନ୍ତ ଗାନ୍ଧୀ ଘଟଣା ସ୍ଥଳରେ ପଡି ରହିଥିଲେ। ଏପରିକି ତାଙ୍କୁ ତୁରନ୍ତ ନିକଟସ୍ଥ ଚିକିତ୍ସାଳୟକୁ ନିଆଯାଇଥିଲା। ଏହା ତତ୍?କାଳୀନ ସରକାରଙ୍କର ଗାନ୍ଧୀଙ୍କ ପ୍ରତି ଉଦାସୀନତା ବୋଲି କହିଥିଲେ ସାତ୍ୟକୀ। ସାତ୍ୟକୀଙ୍କ ଏହି ବୟାନ ସମ୍ବେଦନଶୀଳ ଏବଂ ଏହାର ପ୍ରାସଙ୍ଗିକତା ଉପରେ ମଧ୍ୟ ବିଚାର କରାଯାଇପାରେ। ଗାନ୍ଧୀଙ୍କ ହତ୍ୟାର ତୁରନ୍ତ ବାଦ୍ ତାଙ୍କୁ କେତେ ଶୀଘ୍ର ଚିକିତ୍ସା କରାଯାଇଥିଲା; ଘଟଣାସ୍ଥଳରେ ଉପସ୍ଥିତ ଲୋକେ କ'ଣ ପ୍ରତିକ୍ରିୟା ଦେଇଥିଲେ ସେ ସବୁ ତଥ୍ୟ ଇତିହାସର ଘଟଣାକ୍ରମରେ ଲିପିବଦ୍ଧ ରହିଛି। କିନ୍ତୁ ଅଦାଲତରେ ଦିଆଯାଇଥିବା ବୟାନକୁ ଅନ୍ତିମ ନ୍ୟାୟିକ ନିଷ୍କର୍ଷ ବୋଲି ସେ ପର୍ଯ୍ୟନ୍ତ ଗ୍ରହଣ କରାଯିବ ନାହିଁ ଯେ ପର୍ଯ୍ୟନ୍ତ ଅଦାଲତ ନିଜର ରାୟ ଶୁଣାଇ ନାହାଁନ୍ତି।

ଜେରାବେଳେ ବିନାୟକ ଦାମୋଦର ସାବରକରଙ୍କ ରାଜନୈତିକ ଜୀବନ ପ୍ରସଙ୍ଗରେ ମଧ୍ୟ ପ୍ରଶ୍ନ ପଚାରା ଯାଇଥିଲା। ଉତ୍ତରରେ ସତ୍ୟକୀ କହିଥିଲେ ଯେ ୧୯୨୪ରେ ବ୍ରିଟିଶ ସରକାରଙ୍କୁ କ୍ଷମା ଯାଚନା କରି ଜେଲରୁ ମୁକୁଳିବା ପରେ ବିନାୟକ ଦାମୋଦର ସାବରକର ରାଜନୀତିରେ ସକ୍ରିୟ ହୋଇଥିଲେ ଏବଂ ୧୯୩୭ରୁ ୧୯୪୩ରେ ସେ ହିନ୍ଦୁ ମହାସଭାର ଅଧ୍ୟକ୍ଷ ଥିଲେ। ବିନାୟକ ଦାମୋଦର ସାବରକର ଭାରତୀୟ ରାଜନୈତିକ ଇତିହାସର ସବୁଠାରୁ ବିବାଦୀୟ ଏବଂ ପ୍ରଭାବଶାଳୀ ରାଜନୈତିକ ବିଚାରକ ମାନଙ୍କ ମଧ୍ୟରୁ ଅନ୍ୟତମ। ତାଙ୍କ ସମର୍ଥକ ମାନେ ତାଙ୍କୁ ରାଷ୍ଟ୍ରବାଦୀ ବୋଲି ମାନୁଥିବା ବେଳେ ଆଲୋଚକମାନେ ତାଙ୍କ ବିଚାର ଓ ରାଜନୀତିର ଭିନ୍ନବ୍ୟାଖ୍ୟା କରିଥାନ୍ତି। ୨୦୨୩ରେ ରାହୁଲ ଗାନ୍ଧୀ ଲଣ୍ଡନରେ ଦେଇଥିବା ଏକ ବୟାନର ପୃଷ୍ଠଭୂମୀରେ ସାତ୍ୟକୀ ସାବରକର ରାହୁଲଙ୍କ ବିରୁଦ୍ଧରେ ମାନହାନୀ ମାମଲା ଦାଏର କରିଥିଲେ। ସାତ୍ୟକୀଙ୍କ ଅଭିଯୋଗ ଥିଲା ଯେ ରାହୁଲ ଗାନ୍ଧୀ ବିନାୟକ ଦାମୋଦର ସାବରକରଙ୍କ ଲେଖା ସହ ଯୋଡି ହୋଇଥିବା ଏଭଳି କିଛି ବକ୍ତବ୍ୟ ଦେଇଛନ୍ତି ଯାହା ବାସ୍ତବରେ ବିନାୟକଙ୍କ ପ୍ରକାଶିତ ରଚନାର କୌଣସି ଅଂଶ ନୁହେଁ ବା ରାହୁଲଙ୍କ ବକ୍ତବ୍ୟ ନିରାଧାର ଅଟେ। ସାତ୍ୟକୀ ଅଭିଯୋଗ କରିଥିଲେ ଯେ ରାହୁଲଙ୍କ ବୟାନ ବିନାୟକ ଦାମୋଦର ସାବରକରଙ୍କ ପ୍ରତିଷ୍ଠା ପ୍ରତି ଆଞ୍ଚ ଆଣିଛି। ଏପରିକି ରାହୁଲ ଐତିହାସିକ ତଥ୍ୟକୁ ଭୁଲଭାବେ ବ୍ୟାଖ୍ୟା କରିଛନ୍ତି। ସାତ୍ୟକୀଙ୍କ ଅଭିଯୋଗ ଆଧାରରେ ରାହୁଲଙ୍କ ବିରୁଦ୍ଧରେ ମାନହାନୀ ମାମଲା ହୋଇଥିଲା। ସାତ୍ୟକୀ ଭାରତୀୟ ଦଣ୍ଡ ସଂହିତାର ଧାରା ୫୦୦ ଅନୁସାରେ ରାହୁଲଙ୍କୁ ଦୋଷି ସାବ୍ୟସ୍ତ କରାଯାଉ ଏବଂ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା ୩୫୭ ଅନୁସାରେ ରାହୁଲ କ୍ଷତିପୁରଣ ପ୍ରଦାନ କରନ୍ତୁ ବୋଲି ମାମଲାରେ ଅଦାଲତଙ୍କୁ ନିବେଦନ କରିଥିଲେ।

ମାମଲାର ଶୁଣାଣୀ ଆରମ୍ଭ ହୋଇଛି ଓ ରାହୁଲଙ୍କ ଓକିଲ ସାତ୍ୟକୀଙ୍କୁ ଜେରା କରିଛନ୍ତି ଆହୁରି ମାମଲାର ଶୁଣାଣୀ ହେବ। ଉଭୟ ପକ୍ଷର ଓକିଲ ଉଭୟ ପକ୍ଷଙ୍କୁ ଜେରା କରିବେ। କିନ୍ତୁ ପ୍ରସଙ୍ଗ ହେଉଛି ମହାତ୍ମା ଗାନ୍ଧୀଙ୍କ ହତ୍ୟା ଭାରତ ଇତିହାସର ସବୁଠାରୁ ଦୁର୍ଭାଗ୍ୟପୂର୍ଣ୍ଣ ଏବଂ ସମ୍ବେଦନଶୀଳ ଘଟଣା ଅଟେ । ଅଦାଲତରେ ଜେରା ବେଳେ ଆହୁରି ଅନେକ କଥା ସ୍ପଷ୍ଟ ହୋଇଯିବ। କିନ୍ତୁ ଏକଥା ମଧ୍ୟ ଜରୁରୀ ଯେ ଐତିହାସିକ ଦାବି ଏବଂ ରାଜନୈତିକ ଅଭିଯୋଗକୁ ନ୍ୟାୟିକ ନିଷ୍କର୍ଷଠାରୁ ଅଲଗା ରଖାଯିବା ଆବଶ୍ୟକ।

+ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

# ପୁରୁଷଙ୍କଠୁ ଅଧିକ ବର୍ଷ ବୟସ ପର୍ଯ୍ୟନ୍ତ ଜିଅନ୍ତି ମହିଳା



କୁହାଯାଏ ନାରୀଙ୍କଠୁ ପୁରୁଷ ବେଶ୍ ବଳଶାଳୀ । ଅଧିକ କଠିନ କାମ କରିପାରନ୍ତି, ଅଧିକ ବେଗରେ ଦୌଡ଼ିପାରନ୍ତି ଓ ଅଧିକ ଓଜନ ଉଠାଇପାରନ୍ତି ମଧ୍ୟ । ହେଲେ ଜାଣନ୍ତି କି ରୋଗ ଓ ଆୟୁଷ କଥା କହିଲେ ନାରୀ ପୁରୁଷଙ୍କଠାରୁ କମ୍ ରୋଗରେ ପଡ଼ନ୍ତି ଓ ଅଧିକ ବର୍ଷ ବୟସ ପର୍ଯ୍ୟନ୍ତ ଜିଅନ୍ତି ବୋଲି ଗବେଷଣାରୁ ଜଣାପଡ଼ିଛି...

ହାର୍ଭାର୍ଡ ମେଡିକାଲ ସ୍କୁଲର ଅଧ୍ୟୟନ କହେ, ମହିଳା କମ୍ ରୋଗରେ ପଡ଼ିବା ଓ ଅଧିକ ବର୍ଷ ଜିଇବା ପଛରେ ବିଜ୍ଞାନ ଓ ପ୍ରକୃତିର ବଡ଼ ଭୂମିକା ରହିଛି । ଭ୍ରୂଣର ବିକାଶଠାରୁ ହିଁ ମହିଳା ଓ ପୁରୁଷ ଅଲଗା ହୋଇ ଯାଆନ୍ତି । ଯଦିଓ ଉଭୟଙ୍କର ୨୩ ଯୋଡ଼ା କ୍ରୋମୋଜମ ଥାଏ, ସେଥିରୁ ୨୨ଯୋଡ଼ା କ୍ରୋମୋଜମ ଉଭୟ ଲିଙ୍ଗରେ ସମାନ ଥାଏ । ହେଲେ ୨୩ତମ ଯୋଡା ଅଲଗା ଅଲଗା ହୋଇଯାଏ । ପୁରୁଷଙ୍କ ମଧ୍ୟରେ ୨୩ତମ ଯୋଡାରେ ଗୋଟାଏ ଏକ୍ସ ଓ ଏକ ୱାଇ କ୍ରୋମୋଜମ୍ ଥାଏ । ହେଲେ ମହିଳାଙ୍କ ୨୩ତମ ଯୋଡାରେ ଉଭୟ କ୍ରୋମୋଜମ୍ 'ଏକ୍ସ' ହିଁ ହୋଇଥାଏ । ୱାଇ କ୍ରୋମୋଜମ୍ ଏକ୍ସ କ୍ରୋମୋଜମଠାରୁ ଏକ ତୃତୀୟାଂଶ କମ୍ ହୋଇଥାଏ । ଆଉ ଏଥିରେ 'ଏକ୍ସ' ତୁଳନାରେ ବହୁତ କମ୍ ଜିନ୍ ଥାଏ । ଏକ୍ସ କ୍ରୋମୋଜମ୍‌ରେ ମସ୍ତିଷ୍କ ଓ ଇମ୍ୟୁନ ସିଷ୍ଟମକୁ ପ୍ରଭାବିତ କରୁଥିବା ଜିନ୍ ଥାଏ । ଯଦି ପୁରୁଷଙ୍କର ଏକ୍ସ କ୍ରୋମୋଜମ ଖରାପ ହୁଏ ତେବେ ସେମାନଙ୍କର ଆଉ ଏକ ଏକ୍ସ କ୍ରୋମୋଜମ ନାହିଁ ଭରଣା କରିବା ପାଇଁ । ସବୁଠାରୁ ବଡ଼ କଥା ହେଲା ପୁରୁଷଙ୍କ ମଧ୍ୟରେ ଥିବା କିଛି ୱାଇ କ୍ରୋମୋଜମର ରୋଗ ସହ ଲିଙ୍କ ଥାଏ । ଏହି କାରଣରୁ ପୁରୁଷଙ୍କ ମଧ୍ୟରେ ପୂରା ଜୀବନ ଅଧିକ ରୋଗ ହେବାର ଆଶଙ୍କା ମହିଳାଙ୍କଠାରୁ ଅଧିକ ଥାଏ ।

ପୁରୁଷଙ୍କ ମଧ୍ୟରେ ଥିବା ଟେଷ୍ଟୋଷ୍ଟେରନ ହର୍ମୋନ ଯାହାକି ପୁରୁଷତ୍ୱର ପ୍ରତୀକ ତାହା ହୃତ୍‌ପିଣ୍ଡରେ ବିଭିନ୍ନ ରୋଗ ସୃଷ୍ଟି କରିବାର ବି କାରଣ ସାଜେ । ଅର୍ଥାତ୍ ଟେଷ୍ଟୋଷ୍ଟେରନ୍‌ର ସ୍ତର କମ୍ ହେଲେ ହୃଦ୍‌ରୋଗର ଆଶଙ୍କା ବଢିଥାଏ ବୋଲି ଅନେକ ଗବେଷଣାରୁ ଜଣାପଡ଼ିଛି । ହେଲେ ମହିଳାଙ୍କର ନାରିତ୍ୱକୁ ପ୍ରୋତ୍ସାହିତ କରୁଥିବା ଏଷ୍ଟ୍ରୋଜନ ହର୍ମୋନ କିନ୍ତୁ ହୃତ୍‌ପିଣ୍ଡ ରକ୍ଷା କରିବାରେ ଚମତ୍କାର କାମ କରେ ବୋଲି କିଛି ଗବେଷଣା କହେ । ଏଥିରୁ ବୁଝିପାରୁଥିବେ ମହିଳାଙ୍କ ଭିତରେ କାହିଁକି ହୃଦ୍ ସମ୍ବନ୍ଧିତ ରୋଗ କମ୍ ହୋଇଥାଏ ।

ଯଦିଓ ମହିଳାଙ୍କ ଭିତରେ ବ୍ରେଷ୍ଟ କ୍ୟାନ୍ସର, ୟୁଟ୍ରସ୍ କ୍ୟାନ୍ସର ହେଉଥିବା ଦେଖି ଭାବୁଥିବେ ମହିଳାଙ୍କ ତୁଳନାରେ ପୁରୁଷ ଅଧିକ ସୁରକ୍ଷିତ । ହେଲେ ପ୍ରକୃତରେ ସେମିତି ନୁହେଁ । ପୁରୁଷଙ୍କ ପ୍ରୋଷ୍ଟେଟ ଗ୍ଲାଣ୍ଡ ପ୍ରୋଷ୍ଟାଟିଟିସ୍,ବିନାଇନ୍ ପ୍ରୋଷ୍ଟାଟିକ ହାଇପରପ୍ଲାସିଆ ଓ ପ୍ରୋଷ୍ଟେଟ କ୍ୟାନ୍ସର ଭଳି ଅନେକ ସମସ୍ୟାକୁ ଜନ୍ମ ଦେଇଥାଏ । ତା'ସହ ଅନ୍ୟ ବହୁ ପ୍ରକାରର କ୍ୟାନ୍ସର ବି ହୁଏ ।

ଆଉ ଏକ ରୋଚକ କଥା ହେଉଛି ହୃତ୍‌ପିଣ୍ଡକୁ ସୁରକ୍ଷିତ ରଖୁଥିବା ଗୁଡ୍ କୋଲେଷ୍ଟରଲ ମହିଳାଙ୍କର ବେଶି ଥାଏ । ମହିଳାଙ୍କ ଭିତରେ ଗୁଡ୍ କୋଲେଷ୍ଟରଲ ପ୍ରତି ଡେସି ଲିଟରରେ ୬୦.୩ ମି.ଗ୍ରା. ଥାଏ । ଅନ୍ୟପକ୍ଷେ ପୁରୁଷଙ୍କ ଭିତରେ ଏହା କେବଳ ୪୮.୫ ମି.ଗ୍ରା. ଥାଏ । ଏଥିପାଇଁ ମହିଳାଙ୍କର ହୃତ୍‌ପିଣ୍ଡ ସମ୍ବନ୍ଧିତ ରୋଗ ହେବାର ଆଶଙ୍କା କମିଥାଏ । ଏହାଛଡ଼ା ମେଦବହୁଳତା ଓ ଅନ୍ୟ ରୋଗ ହେବାର ଆଶଙ୍କା ବି କମ୍ ରହିଥାଏ ଓ ମେଟାବୋଲିଜମ୍ ସକ୍ରିୟ ରହେ । ଏହାବାଦ୍ ସାମାଜିକ କାରଣ ବି ଏକ ଫ୍ୟାକ୍ଟର ରହିଥାଏ । ମହିଳାମାନେ ବେଶି ସୋସିଆଲ ନେଟଓ୍ୱର୍କରେ ରହିଥାନ୍ତି । ଅଧିକ ହିଂସା ଓ ଆକ୍ରମଣତା ମହିଳାଙ୍କ ଗୁଣ ହୋଇ ନ ଥାଏ । ମହିଳାମାନେ ପୁରୁଷଙ୍କ ତୁଳନାରେ କମ୍ ସିଗାରେଟ୍, ତମାଖୁ, ମଦ ଆଦି ସେବନ କରିଥାନ୍ତି । ଏହାବାଦ୍ ମହିଳାଙ୍କ ଡାଏଟ୍ ପୁରୁଷଙ୍କ ତୁଳନାରେ ହେଲ୍‌ଦି ହୋଇଥାଏ । ମହିଳାମାନେ ଘରକାମ ଅଧିକ କରନ୍ତି । ଫଳରେ ସେମାନଙ୍କର ଶାରୀରିକ ବ୍ୟାୟାମ ଅଧିକ ହୁଏ । ଏଭଳି ଅନେକ କାରଣ ପାଇଁ ମହିଳାମାନେ ମଜଭୁତ ହୋଇଥାନ୍ତି ଓ ଅଧିକ ବର୍ଷ ଜିଇଥାନ୍ତି ।

# ଖାଲି ପେଟରେ ଚାଲୁଛନ୍ତି କି ? ଶରୀର ପାଇଁ ହୋଇପାରେ କ୍ଷତି

ନିକଟ ଅତୀତରେ, ଲୋକଙ୍କ ମଧ୍ୟରେ ଫିଟନେସ ପ୍ରତି ସଚେତନତା ବୃଦ୍ଧି ପାଇଛି । ଅନେକ ଲୋକ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ନିୟମିତ ଚାଲନ୍ତି । ଚାଲିବା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ । ଦୈନିକ ୨୦୦୦ ପାଦ ଚାଲିବା ଦ୍ୱାରା ମଧୁମେହ ଏବଂ ହୃଦରୋଗ ଜନିତ ରୋଗର ଆଶଙ୍କା କମିଯାଏ । କିନ୍ତୁ ଅନେକ ଲୋକ ଚାଲିବା ସମୟରେ କିଛି ସାଧାରଣ ଭୁଲ କରନ୍ତି, ଯାହା କ୍ଷତିର କାରଣ ହୁଏ ।


କିଛି ଲୋକଙ୍କର ଖାଲି ପେଟରେ ଚାଲିବା ଅଭ୍ୟାସ ଥାଏ । କିନ୍ତୁ ଏହି ସମୟରେ, ସାଧାରଣ ଭୁଲ ମଧ୍ୟ ଆପଣଙ୍କୁ ଲାଭ ବଦଳରେ କ୍ଷତି ପହଞ୍ଚାଇପାରେ । ଆସନ୍ତୁ ଆମେ ଆପଣଙ୍କୁ କହିବୁ ଯେ ଖାଲି ପେଟରେ ଚାଲିବା ସମୟରେ କେଉଁ ଭୁଲଗୁଡ଼ିକ ଏଡାଇବା ଉଚିତ, ଯାହା ଦ୍ୱାରା ଏହା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇବ ନାହିଁ ।

ଖାଲି ପେଟରେ ଚାଲିବା ସମୟରେ ଶରୀରରେ ଶକ୍ତିର ଅଭାବ ଦେଖାଯାଏ । ଏପରି ପରିସ୍ଥିତିରେ, ଯଦି ଆପଣ ବହୁତ ଦ୍ରୁତ ଗତିରେ ଚାଲିବାକୁ ଚେଷ୍ଟା କରନ୍ତି, ତେବେ ଆପଣଙ୍କ ଶରୀରରେ ଗ୍ଲୁକୋଜର ଅଭାବ ହୋଇପାରେ – ଯାହା ଯୋଗୁଁ ଆପଣ ମୁଣ୍ଡ ବୁଲାଇବା, ଦୁର୍ବଳତା କିମ୍ବା କ୍ଳାନ୍ତି ଅନୁଭବ କରିପାରନ୍ତି । ଖାଲି ପେଟରେ ଚାଲିବା ସମୟରେ, ଦ୍ରୁତ ଗତିରେ ଚାଲିବା ପରିବର୍ତ୍ତେ ଧୀରେ ଏବଂ ଆରାମରେ ଚାଲନ୍ତୁ ।

ଚାଲିବା ସମୟରେ ଶରୀରରୁ ଝାଳ ବାହାରିଥାଏ, ଯାହା ଶରୀରରେ ଜଳୀୟାଂଶ ହ୍ରାସ କରିପାରେ । ଯଦି ଆପଣ ଖାଲି ପେଟରେ ଚାଲିଥାନ୍ତି ଏବଂ ପର୍ଯ୍ୟାପ୍ତ ପାଣି ପିଉନାହାଁନ୍ତି, ତେବେ ଡିହାଇଡ୍ରେସନର ଆଶଙ୍କା ବଢ଼ିପାରେ । ଡିହାଇଡ୍ରେସନ ମୁଣ୍ଡବିନ୍ଧା, ଥକ୍କାପଣ ଏବଂ ଶରୀରର କାର୍ଯ୍ୟରେ ବାଧା ସୃଷ୍ଟି କରିପାରେ । ତେଣୁ, ଚାଲିବା ପୂର୍ବରୁ ପାଣି ପିଇବା ଗୁରୁତ୍ୱପୂର୍ଣ୍ଣ । ଏହା ଶରୀରକୁ ହାଇଡ୍ରେଟେଡ ରଖିବ ।

କିଛି ଲୋକ ଖାଲି ପେଟରେ ଚାଲିବା ପରେ ମଧ୍ୟ ଖାଦ୍ୟ ଖାଆନ୍ତି ନାହିଁ । ଯେତେବେଳେ ଚାଲିବା ପରେ ଶରୀରକୁ ଶକ୍ତିର ଆବଶ୍ୟକତା ପଡ଼ିଥାଏ ଯାହା ଦ୍ୱାରା ମାଂସପେଶୀ ଏବଂ ଶରୀର ପୁନଃର୍ନିର୍ମାଣ ହୋଇପାରିବ । ଯଦି ଆପଣ ଚାଲିବା ପରେ ଖାଆନ୍ତି ନାହିଁ, ତେବେ ଏହା ଆପଣଙ୍କ ଶରୀରରେ ପ୍ରୋଟିନ ଏବଂ କାର୍ବୋହାଇଡ୍ରେଟ୍ସର ଅଭାବ ସୃଷ୍ଟି କରିପାରେ । ଚାଲିବା ପରେ ତୁରନ୍ତ ହାଲୁକା ଏବଂ ସନ୍ତୁଳିତ ଖାଦ୍ୟ ଖାଇବା ଗୁରୁତ୍ୱପୂର୍ଣ୍ଣ – ଯେପରିକି ଫଳ, ବାଦାମ, କିମ୍ବା ଦହି, ଯାହା ଦ୍ୱାରା ଶରୀର ଉପଯୁକ୍ତ ପୁଷ୍ଟି ପାଇପାରିବ ।

ଖାଲି ପେଟରେ ଚାଲିବା ସମୟରେ ଶରୀରରେ ଶକ୍ତିର ଅଭାବ ଥାଏ, ତେଣୁ ବହୁତ ଲମ୍ବା ଚାଲିବା ଆପଣଙ୍କ ଶରୀର ପାଇଁ କ୍ଷତିକାରକ ହୋଇପାରେ । ଦୀର୍ଘ ସମୟ ଚାଲିବା ଶରୀର ଉପରେ ଅତିରିକ୍ତ ଚାପ ପକାଇଥାଏ ଏବଂ ଆପଣଙ୍କୁ ମୁଣ୍ଡ ବୁଲାଇବା କିମ୍ବା ଦୁର୍ବଳ ଅନୁଭବ ହୋଇପାରେ ।



# ମାନସିକ ଚାପ ହ୍ରାସ କରେ ଯୋଗ

ଶରୀରକୁ ସୁସ୍ଥ ରଖିବା ପାଇଁ ବ୍ୟାୟାମ ସହ ଯୋଗର ମଧ୍ୟ ଆବଶ୍ୟକତା ରହିଛି । ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ । ଏହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ । ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ । ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ । ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ । ତା'ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ୍ୟ ଶକ୍ତ ହୋଇଥାଏ । ନିୟମିତ ଯୋଗ କଲେ ରକ୍ତଚାପ ସନ୍ତୁଳିତ ରହିଥାଏ । ଅନେକ ସମୟରେ ମାନସିକ ଚାପ ଆମ ପାଇଁ ସମସ୍ୟା ସାଜିଥାଏ । ଯୋଗ ଦ୍ୱାରା ଏଥିରୁ କେତେକାଂଶରେ ରକ୍ଷା ମିଳିଥାଏ । ସବୁବେଳେ ଯୋଗ କଲେ ଭଲ ନିଦ ହୁଏ । ଏହାର ଆଉ ଏକ ଉପକାରୀ ଗୁଣ ରହିଛି । ଯୋଗ କରିବା ଦ୍ୱାରା ସ୍ମରଣ ଶକ୍ତି ପ୍ରଖର ରହିଥାଏ । ତେଣୁ ନିଜର ଦୈନନ୍ଦିନ ଜୀବନଶୈଳୀରେ ଯୋଗ ସାମିଲ କରିବା ଦରକାର ।



# ଏହି ୩ ରାଶିର ପୁରୁଷ ଏକାଧିକ ଥର ପଡ଼ିଥାନ୍ତି ପ୍ରେମରେ; ରୋମାଣ୍ଟିକ୍ ସତ୍ତ୍ୱେ ହୃଦୟ ଭାଙ୍ଗେ...





ପ୍ରତ୍ୟେକ ରାଶିର ବ୍ୟକ୍ତିବିଶେଷଙ୍କ ବ୍ୟବହାର ଏବଂ ପସନ୍ଦ-ନାପସନ୍ଦ ଭିନ୍ନ ଭିନ୍ନ । କିଛି ଶାନ୍ତ ସ୍ୱଭାବର ହୋଇଥିବା ବେଳେ କିଛି ବହୁତ ରାଗି । ପ୍ରେମକୁ ନେଇ ମଧ୍ୟ ସବୁ ରାଶିର ସ୍ୱଭାବ ଭିନ୍ନ । କେହି କେହି ଜୀବନକାଳ ଭିତରେ ଥରେ ପ୍ରେମରେ ପଡ଼ିଥିବା ବେଳେ କେହି ଏକାଧିକ ଥର ପ୍ରେମରେ ପଡ଼ିଥାନ୍ତି । ଆଜି ଆମେ ଆଲୋଚନା କରିବା ଏଭଳି ୩ ରାଶି ବିଷୟରେ, ଯେଉଁଥିରେ ଜନ୍ମିତ ପୁଅମାନେ ସବୁଠାରୁ ଅଧିକ ରୋମାଣ୍ଟିକ୍ ହୋଇଥିଲେ ହେଁ ସେମାନଙ୍କ ପ୍ରେମସମ୍ପର୍କ ସ୍ଥାୟୀ ନ ଥାଏ ।

ମେଷ ରାଶି : ଏହି ରାଶିର ପୁଅମାନଙ୍କ ପାଇଁ ଭଲପାଇବା ସବୁକିଛି । ହେଲେ କୌଣସି ନା କୌଣସି କାରଣରୁ ଏମାନଙ୍କ ପ୍ରେମ ସମ୍ପର୍କ ଠିକ୍ ଭାବେ ଚାଲି ନ ଥାଏ । ପାର୍ଟନରଙ୍କ ସହ ସମ୍ପର୍କ ଖରାପ ରହିବା କାରଣରୁ ଏମାନଙ୍କ ପ୍ରେମ କାହାଣୀ ବିଚ୍ଛେଦର ରୂପ ନେଇଥାଏ । ହେଲେ ଏମାନଙ୍କୁ ଜଣଙ୍କୁ ଭୁଲି ଅନ୍ୟଜଣଙ୍କ ପ୍ରେମରେ ପଡ଼ିବାକୁ ବେଶି ସମୟ ଲାଗି ନ ଥାଏ । ଜୀବନରେ ଏମାନେ ଏକାଧିକ ଥର ପ୍ରେମରେ ପଡ଼ିଥାଏ । ଜ୍ୟୋତିଷ ଅନୁଯାୟୀ ଏମାନଙ୍କ ପ୍ରେମ ସମ୍ପର୍କ ସ୍ଥାୟୀ ନ ଥାଏ ।

ବୃଷ ରାଶି : ଏହି ରାଶିର ପୁଅ ସ୍ୱଭାବରେ ଭାରି ରୋମାଣ୍ଟିକ୍ । ବହୁତ ଶୀଘ୍ର ଏମାନେ ପ୍ରେମରେ ପଡ଼ିଯାଇଥାନ୍ତି । ଅନେକ ଥର ନ ବୁଝି ବିଚାରି ପ୍ରେମ ସମ୍ପର୍କ ଗଢ଼ିବା କାରଣରୁ ଏମାନେ ପରେ ପଶ୍ଚାତାପ କରିଥାନ୍ତି । ଏହି କାରଣରୁ ଜୀବନକାଳରେ ଦୁଇଥର ପ୍ରେମରେ ପଡ଼ିବାର ସମ୍ଭାବନା ଏମାନଙ୍କର ବେଶି ଥାଏ । ହେଲେ ଏମାନେ ନିଜର ପ୍ରେମକୁ ବେଶ ସଚ୍ଚୋଟତାର ସହ ନିର୍ବାହ କରିଥାନ୍ତି । ହେଲେ ପାର୍ଟନରଙ୍କୁ ଭୁଲ ଚୟନ କରିବାକୁ ନେଇ ତାଙ୍କୁ ଧୋକା ମିଳିଥାଏ ।

କର୍କଟ ରାଶି : ଏହି ରାଶିର ପୁଅମାନେ ପ୍ରେମକୁ ନେଇ ବେଶ ଗମ୍ଭୀର ଥାନ୍ତି । ଏମାନେ ନିଜ ପାର୍ଟନରଙ୍କୁ ବହୁତ ଭଲପାଇଥାନ୍ତି । ତାଙ୍କୁ ଖୁସିରେ ରଖିବାକୁ ଯଥାସମ୍ଭବ ଚେଷ୍ଟା କରିଥାନ୍ତି । ସଚ୍ଚୋଟତାର ସହ ସମ୍ପର୍କ ତୁଲାଇଥାନ୍ତି । ହେଲେ ଏମାନଙ୍କୁ ପ୍ରତାରଣା ବିଲ୍‌କୁଲ ପସନ୍ଦ ନୁହେଁ । ଜ୍ୟୋତିଷ ଅନୁଯାୟୀ ଜୀବନରେ ଥରେ ଏମାନଙ୍କ ହୃଦୟ ନିଶ୍ଚିତ ଭାଙ୍ଗିଥାଏ ।

# ଭୁଲ୍‌ରେ ବି ଦାନରେ ଦିଅନ୍ତୁ ନାହିଁ ଏସବୁ ଜିନିଷ, ଅଭାବରେ ବୁଡ଼ିବେ...

ଦାନକୁ ସନାତନ ଧର୍ମର ସର୍ବୋତ୍ତମ ଗୁଣ ଭାବେ ବର୍ଣ୍ଣନା କରାଯାଇଛି । ହେଲେ ବୁଝି ବିଚାରି ଦାନ ନ କଲେ ନିଜର କ୍ଷତି ହୋଇପାରେ । ପୁରାଣରେ ମଧ୍ୟ ଏହାର ଉଦାହରଣ ହେଉଛନ୍ତି 'ଦାନବୀର କର୍ଣ୍ଣ' । ମହାଭାରତରେ କର୍ଣ୍ଣଙ୍କୁ ଜଣେ ମହାନ ଯୋଦ୍ଧା ସହ ମହାନ ଦାତା ଭାବେ ବର୍ଣ୍ଣନା କରାଯାଇଛି । ହେଲେ ଦାନର ପ୍ରବୃତ୍ତି ଯୋଗୁ ସେ ନିଜ ମୃତ୍ୟୁର କାରଣ ପାଲଟିଥିଲେ । ଏଣୁ ଦାନ କରିବା ପୂର୍ବରୁ ଚିନ୍ତା କରିବା ଆବଶ୍ୟକ ହୋଇଥାଏ । ଆସନ୍ତୁ ଜାଣିବା କେଉଁ ଜିନିଷକୁ ଦାନ କରିବା ଅନୁଚିତ :-

ରାଶି ତେଲ : ରାଶି ତେଲର ସମ୍ପର୍କ ରାହୁ-କେତୁ-ଶନିଙ୍କ ଭଳି ଗ୍ରହ ସହ ରହିଛି । ଏଣୁ ଏହି ତେଲକୁ ଦାନ କଲେ ଆପଣଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ପାରେ । ଏଥିସହ ଆର୍ଥିକ କ୍ଷତି ମଧ୍ୟ ହୋଇପାରେ ।

ଦିଆସିଲି : କେବେହେଲେ କାହାକୁ ଦିଆସିଲି ଦାନ କରନ୍ତୁ ନାହିଁ । ଏହାଦ୍ୱାରା ଆପଣଙ୍କ ପରିବାରରେ ଅକାରଣରେ ଝଗଡ଼ା ହେବ । ଏପରିକି ପରସ୍ପର ପ୍ରତି ଥିବା ଭଲପାଇବା ହ୍ରାସ ପାଇବ ।

ସୋରିଷ ତେଲ : ଏହା ଶନି ଦେବଙ୍କ ସହ ଜଡ଼ିତ । କାରଣ ଶନିଙ୍କୁ ଏହି ତେଲ ଅର୍ପଣ କରିବାର ପରମ୍ପରା ରହିଛି । ଏଣୁ ଯଦି ଆପଣ ଟଙ୍କା ନ ଦେଇ କାହାଠାରୁ ସୋରିଷ ତେଲ ନିଅନ୍ତି ତେବେ ଆପଣ ଶନିଙ୍କ କ୍ରୋଧର ଶିକାର ହୋଇପାରନ୍ତି ।

ଲୁହା ସାମଗ୍ରୀ : ଏହାକୁ ଦାନ କଲେ ଆର୍ଥିକ ସଙ୍କଟର ସାମ୍ନା କରିବାକୁ ପଡ଼ିପାରେ । ଏଥିସହ ଶାରୀରିକ ଅସୁସ୍ଥତା ମଧ୍ୟ ଦେଖାଦେଇପାରେ । ଏହାର କାରଣ ହେଉଛି ଲୁହାରେ ଭଗବାନ ଶନି ବାସ କରନ୍ତି । ଏହାକୁ ଦାନ କଲେ ସେ କ୍ରୋଧିତ ହୁଅନ୍ତି । ସେହିଭଳି କାହାଠାରୁ ଲୁହା ସାମଗ୍ରୀ ଦାନରେ ଗ୍ରହଣ କରନ୍ତୁ ନାହିଁ ।

ଲୁଣ : ଏହାକୁ ଦାନ କଲେ ଶନିଦଶାରେ ପଡ଼ିପାରନ୍ତି । କେବଳ ଏତିକି ନୁହେଁ ଋଣଭାରରେ ଆପଣ ବୁଡ଼ିପାରନ୍ତି ।

ଛୁଞ୍ଚି : ଛୁଞ୍ଚି ଦାନରେ ନେବା ଏବଂ ଦେବା ଉଭୟ କ୍ଷତିକାରକ । ଏହା ଘରର ସୁଖ ଏବଂ ଶାନ୍ତି ସମାପ୍ତ କରେ ।








# ବାହାବଳପୁର ମାଛଧରା କେନ୍ଦ୍ରରେ ନଦୀ ମୁହାଣ ପୋତି ହେଉଛି
## ଦୁର୍ଦ୍ଦିନରେ ୨୦ହଜାର ମସ୍ୟଜୀବୀ, ମସ୍ୟ ବ୍ୟବସାୟୀ



ବାଲେଶ୍ୱର,୨୫/୦୮ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ବାହାବଳପୁର ମାଛଧରା କେନ୍ଦ୍ରର ସାମଗ୍ରିକ ବିକାଶ ହେଉ ନାହିଁ । ସରକାରଙ୍କ ଉଦାସୀନତା ମନୋଭାବ ଓ ପ୍ରତିଶୃତି ପାଣିର ଗାର ସଦୃଶ ପାଲଟିଛି । ଜିଲାର ବିଭିନ୍ନ ଅଞ୍ଚଳର ୨୦ ହଜାରରୁ ଉର୍ଦ୍ଧ୍ୱ ମସ୍ୟଜୀବୀ ଓ ମସ୍ୟ ବ୍ୟବସାୟୀ ଏହି କେନ୍ଦ୍ର ଉପରେ ନିର୍ଭରଶୀଳ। ବୋଟ, ଟ୍ରଲର, ଲଞ୍ଚ ଯୋଗେ ସମୁଦ୍ରରୁ ମାଛ ମାରିବା ଏବଂ ସେଠାରୁ ମାଛ ନେଇ ବ୍ୟବସାୟ କରି ମସ୍ୟଜୀବୀ ଓ ବ୍ୟବସାୟୀମାନେ ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି । ହେଲେ ଏହି ମାଛଧରା କେନ୍ଦ୍ରରେ ନଦୀ ମୁହାଣ ପୋତି ଯାଇଥିବାରୁ ବିପଦ ସୃଷ୍ଟି ହୋଇଛି । ଅପରପକ୍ଷରେ ଚଳିତବର୍ଷ ବନ୍ୟା ଯୋଗୁଁ ଏହି ମୁହାଣରେ ବାଲିଚର ପଡ଼ି ଅଧିକ ପରିମାଣରେ ପୋତି ହୋଇଯାଇଛି। ଫଳରେ ଶତାଧିକ ବୋଟ, ଟ୍ରଲର, ଲଞ୍ଚ ଆଦି ମୁହାଣରୁ ସମୁଦ୍ର ଭିତରକୁ ଯା' ଆସ କରିପାରୁନାହାନ୍ତି। ଦୀର୍ଘଦିନ ଜଳଯାନଗୁଡ଼ିକ ମୁହାଣ ନିକଟରେ ଅଟକି ରହିଛନ୍ତି। ଫଳରେ ବୋଟ, ଟ୍ରଲର ମାଲିକମାନେ କ୍ଷତିଗ୍ରସ୍ତ ହେବା ସହ ମସ୍ୟଜୀବୀଙ୍କ ପରିବାର ଦୁର୍ଦ୍ଦିନରେ ରହିଥିବା ଅଭିଯୋଗ ହୋଇଛି। ଗତ ଜାନୁଆରୀ ମକର ପର୍ବ ଉପଲକ୍ଷେ ଏଠାରେ ଆୟୋଜିତ ଗଙ୍ଗାମାତା ପୂଜା ଉତ୍ସବରେ ମସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ, ସାଂସଦ ଓ ବିଧାୟକ ଯୋଗ ଦେଇଥିଲେ। ବାହାବଳପୁର ମସଜୀବୀ ଓ ମସ ବ୍ୟବସାୟୀ ସଙ୍ଘ ପକ୍ଷରୁ ନଦୀ ମୁହାଣ ଖନନ ଓ ସେଠାରେ ପଥରବନ୍ଧ ନିର୍ମାଣ, ସୋଲପଟା ଠାରୁ ବାହାବଳପୁର ମୁହାଣ ପର୍ଯ୍ୟନ୍ତ ସ୍ଥାୟୀ ରାସ୍ତା ନିର୍ମାଣ ଆଦି ସମ୍ପର୍କରେ ଦାବିପତ୍ର ଦିଆଯାଇଥିଲା। ସମସ୍ୟାର ସମାଧାନ ପାଇଁ ପ୍ରତିଶୃତି ମଧ ମିଳିଥିଲା। ଇତିମଧରେ ୭ ମାସ ବିତିଗଲାଣି। ଏଯାବତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ଅସନ୍ତୋଷ ଦେଖାଦେଇଛି । ସଙ୍ଘର ସଭାପତି ବିକାଶ ଦାସ, ସମ୍ପାଦକ ଗୋରାଚାନ୍ଦ ଜେନା, ଦୁବୁଲକ୍ଷଗଡ଼ି ସରପଞ୍ଚ ପ୍ରବୀର କୁମାର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଜେଟି ଠାରୁ ସମୁଦ୍ର ମୁହାଣ ପର୍ଯ୍ୟନ୍ତ ନଦୀର ପୁନରୁଦ୍ଧାର ଓ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି।

# ପୂଜ୍ୟପୂଜା ସେବା ସଂଗଠନର ଏକବିଂଶତମ ପ୍ରତିଷ୍ଠା ଦିବସ
## ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଏକତିରିଶ ତମ ଶ୍ରାଦ୍ଧ ଦିବସ ପାଳନ

ବଲାଙ୍ଗୀର,୨୫/୦୮ (ନି.ପ୍ର): ବଲାଙ୍ଗୀରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପୂଜ୍ୟପୂଜା ସେବା ସଂଗଠନର ଏକବିଂଶତମ ପ୍ରତିଷ୍ଠା ଦିବସ ଏବଂ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ଅନାଥଙ୍କ ମାଆ ପାର୍ବତୀ ଗିରିଙ୍କ ଏକତିରିଶ ତମ ଶ୍ରାଦ୍ଧ ଉତ୍ସବ ରାଧାକୃଷ୍ଣ ମନ୍ଦିର ବଲାଙ୍ଗୀର ଠାରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି କେଶବ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେରେ ପାର୍ବଣରେ ଅବସରପ୍ରାପ୍ତ ସାମରିକ ଅଧିକାରୀ କର୍ଣ୍ଣେଲ ବିଶ୍ୱଜିତ ଦାସ ମୁଖ୍ୟଅତିଥି ଏବଂ ବରିଷ୍ଠ ସାମ୍ବାଦିକ ବିରେନ୍ଦ୍ର କୁମାର ଝାଙ୍କର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଡ. ପ୍ରେମଚାନ୍ଦ ମହାନ୍ତି ଏବଂ ଉପଦେଷ୍ଟା ଜଗଦାନନ୍ଦ ଛୁରିଆ ତାଙ୍କ ବକ୍ତବ୍ୟରେ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜୀବନଦର୍ଶ ଉପରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଶ୍ରୀ ଦାସ ସମାଜରୁ ଦୁର୍ନିତିକୁ ହଟାଇ ଏକ ସୁନ୍ଦର ଓ ଦୁର୍ନିତିମୁକ୍ତ ସମାଜ ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଶ୍ରୀ ଝାଙ୍କର ଅମୃତମୟ ସମାଜ ଗଠନରେ ନାରୀ ବିଷୟରେ ବକ୍ତବ୍ୟ ରଖି କହିଥିଲେ ଯେ ନାରୀକୁ ଆମେ ଯଥେଷ୍ଟ ସୁରକ୍ଷା ଦେଇ ପାରିଲେ ନାରୀ ନିଜେ ସ୍ୱୟଂସିଦ୍ଧା ହୋଇ ଆଗକୁ ବଢ଼ି ସମାଜକୁ ଅମୃତମୟ କରିପାରିବ ଏବଂ ନାରୀ ପ୍ରଗତି ବିନା ସମାଜ ସମୃଦ୍ଧ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏଥିପାଇଁ ଅନାଥର ମାଆ ପାର୍ବତୀ ଗିରିଙ୍କୁ ବୁଝିବାକୁ ପଡ଼ିବ ବୋଲି କହିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ମଦନ ମୋହନ ରଥ ସଂଗଠନର ୨୧ ବର୍ଷ ଜୟଯାତ୍ରା ସମ୍ପର୍କରେ କହିଥିଲେ। ସମ୍ପାଦକ ସୁନାଧର ବନଛୋର ବାର୍ଷିକ ବିବରଣୀ ପଠନ କରିଥିଲେ। ସଭାକୁ ମଧୁ ସାହୁ ପରିଚାଳନା କରିଥିଲେ। ସମ୍ବର୍ଦ୍ଧନା ପର୍ବକୁ ପରିଚାଳନା ଓ ଅତିଥି ପରିଚୟ କବି ରତ୍ନମୟ ତ୍ରିପାଠୀ କରିଥିଲେ। ବିଶିଷ୍ଟ ସଂସ୍କୃତି ଗବେଷଣ ଡ. ଘାସିରାମ ମିଶ୍ରଙ୍କୁ ମର୍ଯ୍ୟାଦାଜନକ ବହ୍ନିକନ୍ୟା ପାର୍ବତି ଗିରି ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡା. ସୁରଜିତ କୁମାର ନାଏକ, ସୌମେନ୍ଦ୍ରୀ ବାରିକ, ଡା. ଦାମୋଦର ମିଶ୍ର, ଜ୍ୟୋତି ପ୍ରକାଶ ଗଡ଼ତ୍ୟା, ରାତ୍ର ବିଶ୍ୱାଲ, ସତ୍ୟବାଦୀ ନାଏକ, ଡା. କୃଷ୍ଣପ୍ରସାଦ ମିଶ୍ର, ଡ. ବି.ଏନ୍. ଶ୍ରୀକାନ୍ତ ପଟ୍ଟନାୟକ, ଅଜୟ ଅମର ସିଂଦେଓ, ସୁରେନ୍ଦ୍ର କୁମାର ପଟେଲ, ଦେବୀପଚାନ୍ଦ ବେହେରା, ପୁରନ୍ଦର ଗଡ଼ତ୍ୟା, ଶରତ ଚନ୍ଦ୍ର ଶତପଥି ଓ କବି ସନ୍ଦୀପ କୁମାର କୁଅଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଅତିଥିମାନେ ପାର୍ବତୀ ଗିରି ସେବା ସମ୍ମାନ ୨୦୨୬ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦେବ ପ୍ରସାଦ ମହାନ୍ତି, ପ୍ରଦୀପ ପଶାୟତ, କପିଳ ପତି, ଚୁଡ଼େନ୍ଦ୍ର ବେହେରା, ଦୁର୍ଗା ସାହୁ, ଶୁଭେନ୍ଦ୍ର ନେପାକ, ସୀତାଂଶୁ ନାୟକ, ରଶ୍ମିତା ପାତ୍ର, ଅରୁଣ ଖୁଆସ, ନନ୍ଦିନୀପ୍ରଭା ଶତପଥି, ସୁରଥ ସାହୁ, ନିରୁପମା ମିଶ୍ର, ପ୍ରଶାନ୍ତ ଷଡ଼ଙ୍ଗୀ, ଧିରେନ୍ଦ୍ର ନାରାୟଣ ସିଂଦେଓ, ଗୋପାଳଜୀ ଚୌଧୁରି, ମାଳତି ଉଦ୍‌ଗାତା, ଅର୍ଚ୍ଚନା ମିଶ୍ର, ଶାନ୍ତନୁ ମିଶ୍ର, ଗିରିଜା ଶଙ୍କର ରଥ, ଜୟରାମ ମିଶ୍ର, ସତ୍ୟବନ୍ତ ବେଦବାକ, ଡ. ଭବାନୀ ଶଙ୍କର ପଟେଲ, ସଂଯୁକ୍ତା ମିଶ୍ର, ମିନାକ୍ଷୀ ଗୁରୁ ଓ ସୌଦାମିନୀ ମିଶ୍ର।

# ରାଣୀପାଟଣା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟରେ ସୁରେନ୍ଦ୍ର ସାଇ ଦିବ୍ୟ ଦୃଷ୍ଟି ଯୋଜନାରେ ଦୃଷ୍ଟି ପରୀକ୍ଷା ଶିବିର




ବାଲେଶ୍ୱର,୨୫/୦୮ (ନି.ପ୍ର): ସୁରେନ୍ଦ୍ର ସାଇ ଦିବ୍ୟ ଦୃଷ୍ଟି ଯୋଜନା ଅନ୍ତର୍ଗତ **School Eye Health Programme** ୨୦୨୬-୨୭ ଅବସରରେ ବାଲେଶ୍ୱର ରାଣୀପାଟଣାସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟ ପରିସରରେ ଏକ ଦୃଷ୍ଟି ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ **DHH,** ବାଲେଶ୍ୱରର **Senior Eye Specialist** ଡା. ସୁଜିତ ନାରାୟଣ ମହାପାତ୍ର, **CHC** ସୋରୋର Senior Ophthalmologist ଶ୍ରୀ ଅଭୟ କୁମାର ଦାସ, CHC ରୂପସାର **Ophthalmologist** ଶ୍ରୀମତୀ ବିଜୟଲକ୍ଷ୍ମୀ ସୁର ଏବଂ DHH, ବାଲେଶ୍ୱରର DEO ଶ୍ରୀ ମନୋଜ କୁମାର ଦାସ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କର ଚକ୍ଷୁ ପରୀକ୍ଷା ଓ ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରିଥିଲେ। ଦୃଷ୍ଟିହୀନ ବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦିବାକର ସ ମଧ ଶିବିରରେ ଉପସ୍ଥିତ ରହି କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଶିବିରର ସଫଳ ଆୟୋଜନ ଓ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଏହି ଶିବିର ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଚକ୍ଷୁ ସ୍ୱାସ୍ଥ୍ୟ ପ୍ରତି ସଚେତନତା ସୃଷ୍ଟି ସହ ନିୟମିତ ଚକ୍ଷୁ ପରୀକ୍ଷାର ଗୁରୁତ୍ୱ ସମ୍ପର୍କରେ ଆବଶ୍ୟକୀୟ ପରାମର୍ଶ ଦିଆଯାଇଥିଲା।

# ସାଇ ଶାନ୍ତି ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ



ଆଳି,୨୫/୦୮ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକରେ ପ୍ରବାହିତ ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଆସି ବ୍ଲକର ୨୩ ଟି ପଞ୍ଚାୟତ ପ୍ରଭାବିତ ହୋଇ ପାଣି ଘେରରେ ରହିଛନ୍ତି । ପାଣି ଘେରରେ ଥିବା ବନ୍ୟା ବିପନ୍ନ ମାନଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଖିଲା ଖାଦ୍ୟ ଓ ରନ୍ଧାଖାଦ୍ୟ ଯୋଗାଇ ଦିଆ ଯାଉଥିବା ବେଳେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛି ପଟ୍ଟାମୁଣ୍ଡାଇର ସାଇ ଶାନ୍ତି ଚକ୍ଷୁ ଚିକିତ୍ସାଳୟ । ବନ୍ୟା ଯୋଗୁଁ ଆଳି ବ୍ଲକର ମାଣିକପାଟଣା, ପଦନୀପାଳ, ଡ଼ିମିରିପାଳ, ଅରଗଳ, କୁଆଣିଆ, ଗୋବିନ୍ଦପୁର, ଦେସାହି, କେତୁଆପାଳ, ଏରଡ଼ଙ୍ଗ, ପାଳିମି, ପେଟପଡା, ସଂସିଧା ଆଦି ୧୨ ଟି ପଞ୍ଚାୟତର ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୀର୍ଘ ୨୫ ଦିନରୁ ଉର୍ଦ୍ଧ ହେବ ବନ୍ୟାଘେରରେ ଥିବା ଲୋକମାନଙ୍କ ନିକଟରେ ଥିବା ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ସରି ଆସିଥିବା ବେଳେ ତାହା ସଂଗ୍ରହ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡିଛି । ବନ୍ୟା ବିପନ୍ନ ମାନଙ୍କ ନିକଟରେ ସାଇ ଶାନ୍ତି ଚକ୍ଷୁ ଚିକିତ୍ସାଳୟର ସଦସ୍ୟ ମାନେ ବୋଟ ଯୋଗେ ଗସ୍ତ କରି ସେମାନଙ୍କ ସମସ୍ୟା ବୁଝିବା ସହିତ ବନ୍ୟା ବିପନ୍ନ ମାନଙ୍କୁ ଶୁଖିଲାଖାଦ୍ୟ ଓ ପାନୀୟ ଜଳ ବଣ୍ଟନ କରିଥିଲେ। ଚିକିତ୍ସାଳୟର ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି ।

# ସମ୍ବେଦନାର ବାର୍ତ୍ତା ନେଇ ରାକ୍ଷୀ ବନ୍ଧନ ଉତ୍ସବ ପାଳିଲା ଫକୀରମୋହନ ବିଶ୍ୱବିଦ୍ୟାଳୟ



ବାଲେଶ୍ୱର,୨୫/୦୮ (ନି.ପ୍ର): ଭଲପାଇବା, ସମ୍ମାନ, ସ୍ନେହ ଓ ମାନବିକତାର ବାର୍ତ୍ତାକୁ ସମାଜର ପ୍ରତ୍ୟେକ ସ୍ତରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାଜ କାର୍ଯ୍ୟ ବିଭାଗ ପକ୍ଷରୁ ତିନିଦିନିଆ ରାକ୍ଷୀ ବନ୍ଧନ ଉତ୍ସବ 'ସମ୍ବେଦନା'ର ଶୁଭାରମ୍ଭ ହୋଇଛି। ବିଭାଗର ନିୟମିତ, ପ୍ରାକ୍ତନ ଏବଂ ଦୂର ଓ ଆଭାସୀ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀଙ୍କ ସହଭାଗିତାରେ ୨୫ରୁ ୨୭ ଅଗଷ୍ଟ ପର୍ଯ୍ୟନ୍ତ ଏହି ସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପ୍ରଥମ ଦିନରେ ରାଣୀପାଟଣାସ୍ଥିତ ଦୃଷ୍ଟିବାଧିତଙ୍କ ବିଦ୍ୟାଳୟରେ ୭୫ ଜଣ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ସହ ରାକ୍ଷୀ ବନ୍ଧନ ପାଳନ କରାଯାଇଥିଲା। ଏହି ଅବସରରେ ସେମାନଙ୍କୁ ରାକ୍ଷୀ ବାନ୍ଧିବା ସହ ସାନିଟାରୀ କିଟ୍ ଓ ଚକୋଲେଟ ବଣ୍ଟନ କରାଯାଇଥିଲା। ଉପସ୍ଥିତ ସମସ୍ତଙ୍କୁ ରାକ୍ଷୀ ବନ୍ଧନର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ 'ଆସନ୍ତୁ ରାକ୍ଷୀ ପର୍ବକୁ ସମସ୍ତେ ମିଳିମିଶି ଭଲପାଇବା, ସମ୍ମାନ, ସ୍ନେହ ଓ ପ୍ରେମ ସହ ପାଳନ କରିବା' ବୋଲି ସାମାଜିକ ବାର୍ତ୍ତା ଦିଆଯାଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ, ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ସନ୍ତୋଷ ଅଗ୍ରୱାଲା ଓ କୁଳସଚିବ ଶ୍ରୀମତୀ କୁକୁମୀନା ଦାସଙ୍କ ସହଯୋଗମୂଳକ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ସମାଜ କାର୍ଯ୍ୟ ବିଭାଗର ସହକାରୀ ଅଧାପକ ରଶ୍ମିରେଖା ରାଉତଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବାବେଳେ ସହକାରୀ ଅଧାପକ ସୁପ୍ରିୟା ରାଉତ ସହଯୋଗ କରିଥିଲେ। ବିଭାଗର ପ୍ରାୟ ୧୫ ଜଣ ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟ ସଦସ୍ୟମାନେ ମଧ ଏହି ସେବାମୂଳକ ଉତ୍ସବରେ ସକ୍ରିୟ ଭାବେ ସାମିଲ ହୋଇଥିଲେ। ଏହି ତିନିଦିନିଆ କାର୍ଯ୍ୟକ୍ରମରେ ବାଲେଶ୍ୱରର ବିଭିନ୍ନ ବୃଦ୍ଧାଶ୍ରମ ଓ ବାଳାଶ୍ରମରେ ମଧ ରାକ୍ଷୀ ବନ୍ଧନ ଉତ୍ସବ ପାଳନ କରାଯିବ। ସମାଜର ଅବହେଳିତ ଓ ଆବଶ୍ୟକତାସମ୍ପନ୍ନ ବର୍ଗଙ୍କ ସହ ଆତ୍ମୀୟତାର ବନ୍ଧନ ସୃଷ୍ଟି କରିବା ଏହି ପଦକ୍ଷେପର ପ୍ରମୁଖ ଉଦ୍ଦେଶ୍ୟ ବୋଲି ଆୟୋଜକ ବିଭାଗର ସଂଯୋଜକ ଡ଼କ୍ଟର ଗ୍ରେସ ବାହାଲିନ ମୁଣ୍ଡୁ ସୂଚୀତ କରିଛନ୍ତି।

# ଛାତ୍ରସଂସଦ ନିର୍ବାଚନକୁ ନେଇ ଏବିଭିପିର ଦାବିପତ୍ର



ନୀଳଗିରି,୨୫/୦୮ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ନୀଳଗିରି ନଗର ପକ୍ଷରୁ ମଙ୍ଗଳବାର ନୀଳଗିରି ମହାବିଦ୍ୟାଳୟରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଛାତ୍ର ସଂସଦ ନିର୍ବାଚନ ପୁନଃ ଆରମ୍ଭ ସହ ମହାବିଦ୍ୟାଳୟର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦାବିରେ ୧୦ ଦଫା ବିଶିଷ୍ଟ ଦାବିପତ୍ର ମହାବିଦ୍ୟାଳୟର ଅଧକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ପୂର୍ବ ସରକାର ସମୟରୁ ବନ୍ଦହୋଇ ରହିଥିବା ଛାତ୍ରସଂସଦ ନିର୍ବାଚନକୁ ତୁରନ୍ତ ପୁନଃ ଚାଲୁକରିବା ସହ ମହାବିଦ୍ୟାଳୟର ପାନୀୟଜଳ, ପରିମଳ ବ୍ୟବସ୍ଥା, ଶ୍ରେଣୀଗୃହର ଉନ୍ନତି, ପାଠାଗାରରେ ପର୍ଯ୍ୟାପ୍ତ ପୁସ୍ତକ, ଖେଳପଡ଼ିଆର ବିକାଶ, ଛାତ୍ରଛାତ୍ରୀଙ୍କ ପାଇଁ ବସିବାବ୍ୟବସ୍ଥା, ଶୌଚାଳୟର ମରାମତି, କ୍ୟାମ୍ପସର ପରିଷ୍କାର-ପରିଚ୍ଛନ୍ନତା, ସୁରକ୍ଷା ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ମୌଳିକ ସୁବିଧାର ଶୀଘ୍ର ସମାଧାନ ପାଇଁ ଦାବି କରାଯାଇଥିଲା। ଏହି ଅବସରରେ ଏବିଭିପି ନୀଳଗିରି ନଗର ପକ୍ଷରୁ କୁହାଯାଇଥିଲା ଯେ, ଛାତ୍ର ସଂସଦ ନିର୍ବାଚନ କେବଳ ଏକ ନିର୍ବାଚନ ନୁହେଁ, ବରଂ ଛାତ୍ରସମାଜର ଗଣତାନ୍ତ୍ରିକ ଅଧିକାର ଓ ନେତୃତ୍ୱ ବିକାଶର ଏକ ପ୍ରମୁଖ ମାଧ୍ୟମ। ଦୀର୍ଘ ଦିନ ଧରି ଏହି ନିର୍ବାଚନ ବନ୍ଦରହିବା ଫଳରେ ଛାତ୍ରଛାତ୍ରୀଙ୍କ ସ୍ୱର ଦମନ ହୋଇଛି। ସଂଗଠନ ପକ୍ଷରୁ ଚଳିତ ଶିକ୍ଷାବର୍ଷରେ ହିଁ ଛାତ୍ରସଂସଦ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଉ ଏବଂ ମହାବିଦ୍ୟାଳୟର ସମସ୍ତ ମୌଳିକ ସମସ୍ୟାର ତୁରନ୍ତ ସମାଧାନ କରାଯାଉ ବୋଲି ସରକାରଙ୍କ ଠାରେ ଦାବି କରାଯାଇଛି। ନଚେତ୍ ଏବିଭିପି ନୀଳଗିରି ନଗର ପକ୍ଷରୁ ଆଗାମୀ ଦିନରେ ଗଣଆନ୍ଦୋଳନ, ବିକ୍ଷୋଭ ଓ ଘେରାଉ ଭଳି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଏବିଭିପି ନୀଳଗିରି ନଗର ସମ୍ପାଦକ ସୁଶାନ୍ତ କୁମାର ନାୟକ, ନଗର ଜନଜାତି ପ୍ରମୁଖ କିମତ୍ ସିଂ, ରାଜ୍ୟ ସାବିଷ୍କାର ସଂଯୋଜକ ସଞ୍ଜୀବ କୁମାର ମହାରଣାଙ୍କ ସମେତ ମୋନାଲିସା ଦାସ, ମେନା ସିଂ, ପ୍ରତିପ୍ରଭା ମଲ୍ଲିକ, ମନାଲି ବେହେରା, ଅନିତା ସିଂ, ବର୍ଷା ସିଂ, ବାସୁଦେବ ବେହେରା, ଦେବସ୍ମିତା ସିଂ, ଜ୍ୟୋତ୍ସ୍ନା ରାଣୀ ବେହେରା, ମନୋଜ କୁମାର ଜେନା, କୁଳଦୀପ କେଶୀ, କ୍ରିଷ୍ଣା କୁମାର ମହାନ୍ତି, ସତ୍ୟଦୀପ ସେଠୀ, ଦେବରାଜ ସୋରେନ, ଅଜୟ ମୁର୍ମୁ, ତପନ ସିଂ, ଆକାଶ ଦାସ, ବାପୁନୁ ସିଂ, ସୋନୁ ସିଂ, ପଦନା ମାଝୀ, ଗୋପାଳକୃଷ୍ଣ ମଲ୍ଲିକ, ବାପୁନ ସିଂ, ସୁମନ ଜେନା, ଚନ୍ଦନ କୁମାର ସିଂ ଏବଂ ମାନସ ଆଡୁକଙ୍କ ସମେତ ବହୁ କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ। ଶେଷରେ ଛାତ୍ର ସ୍ୱାର୍ଥ ଓ ମହାବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ଏବିଭିପିର ସଂଗ୍ରାମ ଆଗାମୀ ଦିନରେ ଆହୁରି ଜୋରଦାର ଭାବେ ଜାରି ରହିବ ବୋଲି ସଂଗଠନ ପକ୍ଷରୁ ଦୃଢ଼ ସଂକଳ୍ପ ବ୍ୟକ୍ତ କରାଯାଇଥିଲା।

## ଚମ୍ପୁଆ ବଜାରର ନିୟନ୍ତ୍ରିତ ବଜାର କମିଟି ଗୃହ ମରାମତି କେବେ ?

ଚମ୍ପୁଆ, ୨୪ ଅଗଷ୍ଟ (ହି.ସ.) - ଚମ୍ପୁଆ ବଜାରର ନିୟନ୍ତ୍ରିତ ବଜାର କମିଟି ଗୃହ ଥାନା ସମ୍ମୁଖ, ଗାନ୍ଧି ଛକ ଏବଂ ଦୈନିକ ବଜାରର ହାଟ ପିଣ୍ଡି ଆଦି ମରାମତି ଦାବୀ ହୋଇଛି । ଦୀର୍ଘ ଦିନରୁ ଏହି ଦବୀ ହୋଇ ଆସୁଥିଲେହେଁ ଏଥିପ୍ରତି କାହାର ଦୃଷ୍ଟି ନାହିଁ । ହାଟ ପିଣ୍ଡି ତଥା ଦୋକାନ ଗୃହଗୁଡିକର ଛାତଗୁଡିକ କଣା ହୋଇଯିବା ସହିତ ଛାତର ସିଲିଂ ରଡ ଦେଖାଯାଉଛି । ପ୍ଲାଷ୍ଟର ଅତଡା ଖସି ବହୁବାର ଲୋକଙ୍କର ଉପରେ ମଧ ପଡୁଛି । ସେହି ସ୍ଥାନମାନଙ୍କରେ ଲୋକମାନେ ବ୍ୟବହାର କରୁଛନ୍ତି । ଦୈନିକ ଶହଶହ ଲୋକ ସେହି ସ୍ଥାନଗୁଡିକରେ ଯାଆସ କରୁଥିଲେ ମଧ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦେବା ଦୁର୍ଭାଗ୍ୟ ଜନକ । ସୂଚନାଯୋଗ୍ୟକି ଗତକିଛିଦିନ ତଳେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦିଗାମ୍ବର ପ୍ରଧାନ ଟେଣ୍ଡର କରିବେ ବୋଲି କହିଥିଲେ । ମାତ୍ର ଟେଣ୍ଡର କେହି ପକାଇଲେ ନାହିଁ ବୋଲି ତାହା ମରାମତି ହୋଇନାହିଁ ବୋଲି ସଫେଇ ଦେଇଛନ୍ତି ।

# ଡିଏଭି ପରିସରରେ ସଂସ୍କୃତ ସପ୍ତାହ ଉଦ୍‌ଘାଟିତ

ଝାରସୁଗୁଡ଼ା,୨୫/୦୮ (ନି.ପ୍ର): ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ସପ୍ତାହବ୍ୟାପୀ ସଂସ୍କୃତ ସପ୍ତାହ ଆଜି ଉତ୍ସାହ ଓ ଉଦ୍ଦୀପନାର ସହିତ ଉଦଘାଟିତ ହୋଇଯାଇଛି । ପ୍ରାଚୀନ ଭାରତୀୟ ଜ୍ଞାନ, ସଂସ୍କୃତି, ପରମ୍ପରା ଓ ମୂଲ୍ୟବୋଧର ବାହକ ସଂସ୍କୃତ ଭାଷା ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ବୃଦ୍ଧି କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ। ଉଦଘାଟନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀକାନ୍ତ ଦେବତା ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନପୂର୍ବକ ସଂସ୍କୃତ ଭାଷାର ମହତ୍ୱ ଓ ଆଧୁନିକ ସମୟରେ ଏହାର ପ୍ରାସଙ୍ଗିକତା ସନ୍ଦର୍ଭରେ ଆଲୋକପାତ କରିଥିଲେ । ସଂସ୍କୃତ କେବଳ ଏକ ପ୍ରାଚୀନ ଭାଷା ନୁହେଁ, ଏହା ଭାରତୀୟ ଜ୍ଞାନ ପରମ୍ପରା, ଦର୍ଶନ, ସାହିତ୍ୟ ଓ ବୈଜ୍ଞାନିକ ଚିନ୍ତନର ଏକ ମହତ୍ୱପୂର୍ଣ୍ଣ ଭିତି ବୋଲି ମତ ପ୍ରକାଶ କରିଥିଲେ । ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ସଂସ୍କୃତ ଶ୍ଳୋକ ଆବୃତି, ସୁଭାଷିତ ପାଠ, ବକ୍ତୃତା, ରଚନା, ଗୀତାସାର, ପ୍ରଶ୍ନୋତର, ସଂସ୍କୃତ ଗୀତ ଓ ବିଭିନ୍ନ ସୃଜନଶୀଳ ପ୍ରତିଯୋଗିତା ଆୟୋଜିତ ହେବାର ଯୋଜନା ରହିଛି ।

# କାଦୁଅ ବିଲ ଡେଇଁ ଘରେ ପହଞ୍ଚିଲେ ପିଇଓ: ଭିନ୍ନକ୍ଷମ ଦମ୍ପତିଙ୍କୁ ଦେଲେ ୧୨,୦୦୦ ଭତ୍ତା



ବାଲିଆପାଳ ,୨୫/୦୮ (ନି.ପ୍ର): ସରକାରୀ ସୁବିଧା ପାଇବା ପାଇଁ ହିତାଧିକାରୀଙ୍କୁ ସବୁବେଳେ କାର୍ଯ୍ୟାଳୟ ଦୌଡ଼ିବାକୁ ପଡ଼େ— ଏହି ଧାରଣାକୁ ଭୁଲ ପ୍ରମାଣିତ କରି ଜଣେ ସରକାରୀ କର୍ମଚାରୀ ନିଜେ କାଦୁଅ ବିଲ ଓ ପାଣି ଡେଇଁ ଭିନ୍ନକ୍ଷମ ଦମ୍ପତିଙ୍କ ଘରେ ପହଞ୍ଚି ଭତ୍ତା ପ୍ରଦାନ କରିଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏଭଳି ହୃଦୟସ୍ପର୍ଶୀ ଦୃଶ୍ୟ ବାଲିଆପାଳ ବ୍ଲକ ଅନ୍ତର୍ଗତ କୁଣ୍ଡୁଳି ପଞ୍ଚାୟତର ଦାଣ୍ଡିପଦା ଆଦିବାସୀ ସାହିରେ ଦେଖିବାକୁ ମିଳିଛି। ସାହିର ବାସିନ୍ଦା ଭିନ୍ନକ୍ଷମ ଦମ୍ପତି ବୁଦ୍ଧିରାମ ମାଝୀ ଓ ଫୁଲ ମାଝୀ ଦୀର୍ଘଦିନ ଧରି ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ ଥିଲେ। ସେମାନେ ଭୂମିହୀନ ଓ ଅଶିକ୍ଷିତ ହୋଇଥିବାରୁ ସରକାରୀ ଯୋଜନା ଓ ମୌଳିକ ସୁବିଧା ପାଇବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି ।ସୂଚନା ଅନୁସାରେ, ଗତ ଜାନୁଆରୀ ମାସରୁ ଉଭୟେ ଭିନ୍ନକ୍ଷମ ଭତ୍ତା ପାଇନଥିଲେ। ଏହି ସମସ୍ୟା ସମ୍ପର୍କରେ ସାମାଜିକ କର୍ମୀ ରାଜକିଶୋର ପାତ୍ର ବାଲିଆପାଳ ସାମାଜିକ ସୁରକ୍ଷା ବିଭାଗ ଦାୟିତ୍ୱରେ ଥିବା ପାର୍ଥ ସାରଥୀ ସାହୁଙ୍କୁ ଅବଗତ କରିଥିଲେ। ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଶ୍ରୀ ସାହୁଙ୍କ ପକ୍ଷରୁ ବିଡିଓ ରାଧାରଞ୍ଜନ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏପ୍ରିଲରୁ ଅଗଷ୍ଟ ପର୍ଯ୍ୟନ୍ତ ପାଞ୍ଚ ମାସର ଭତ୍ତା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଥିଲା। ଉଭୟ ଦମ୍ପତିଙ୍କୁ ?୬,୦୦୦ ଲେଖାଏଁ, ସମୁଦାୟ ୧୨,୦୦୦ ଭତ୍ତା ମିଳିଥିଲା ।ତେବେ ଏହି ଘଟଣାର ଅନ୍ୟତମ ଆକର୍ଷଣୀୟ ଦିଗ ହେଉଛି କୁଣ୍ଡୁଳି ପଞ୍ଚାୟତରେ ନୂତନ ଭାବେ ଦାୟିତ୍ୱ ନେଇଥିବା ପିଇଓ କଟିଆ ମାରାଣ୍ଡିଙ୍କ ମାନବିକ ପଦକ୍ଷେପ। ଗ୍ରାମର ରାସ୍ତା କାଦୁଅରେ ପରିଣତ ହୋଇଥିବା ସତ୍ତ୍ୱେ ସେ କାଦୁଅ ପଚପଚ ବିଲ ହିଡ଼ ଓ ପାଣି ଦେଇ ଚାଲି ଭିନ୍ନକ୍ଷମ ଦମ୍ପତିଙ୍କ ଘରେ ପହଞ୍ଚିଥିଲେ। ସେଠାରେ ଉଭୟଙ୍କୁ ଭତ୍ତା ଟଙ୍କା ପ୍ରଦାନ କରିଥିଲେ। ସରକାରୀ କର୍ମଚାରୀ ନିଜେ ହିତାଧିକାରୀଙ୍କ ଘରେ ପହଞ୍ଚି ସୁବିଧା ଯୋଗାଇଦେବା ଘଟଣାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଖୁସି ପ୍ରକାଶ କରିଛନ୍ତି। ଦୀର୍ଘଦିନ ପରେ ଭତ୍ତା ଟଙ୍କା ହାତକୁ ମିଳିବା ପରେ ଦମ୍ପତିଙ୍କ ମୁହଁରେ ଖୁସି ଫୁଟିଥିବା ଦେଖିବାକୁ ମିଳିଥିଲା।

# ଖୋର୍ଦ୍ଧା ଗୁରୁଜଙ୍ଗ ଟାଙ୍ଗୀସାହି ନୂଆଗାଁ ରାସ୍ତା ସାଜିଛି ମରଣଯନ୍ତା

ଖୋର୍ଦ୍ଧା , ୨୫/୮ (ନି.ପ୍ର): ଖୋର୍ଦ୍ଧା ପୌରପରିଷଦ ଅଧୀନ ଗୁରୁଜଙ୍ଗ ୧୮ ନମ୍ବର ୱାର୍ଡ ଟାଙ୍ଗୀ ସାହି ଓ ନୂଆଗାଁ ମୁଖ୍ୟ ରାସ୍ତା ପାଲଟିଛି ମରଣ ଯନ୍ତା । ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଖୋର୍ଦ୍ଧା ଗ୍ରାମ୍ୟ ଉନ୍ନୟନ କରୁନି କି ଖୋର୍ଦ୍ଧା ପୂର୍ତ୍ତ ବିଭାଗ କରୁନି, ତେବେ ଏହି ରାସ୍ତା ଟି କାହାର, ଯାହା ଫଳରେ ଏହି ରାସ୍ତା କୁ ନେଇ ଲୋକ ମାନେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଦୈନିକ ଏହି ରାସ୍ତା ଦେଇ ଖୋର୍ଦ୍ଧା, ଆଖ ପାଖ ଲୋକଙ୍କ ସହିତ ନୂଆଗାଁ, ଅରାଙ୍ଗ, ମହୁଲ, ମଧୁପୁର, ମାଜଣା, ଅଙ୍ଗାରପଡା, ପଳାସପୁର, ବିନ୍ଧଗିରି, ଛତାବର, ମିନଚୀନ ପାଟଣା, ମେଣ୍ଢାଶାଳ, ଅରିଶଳ, ଭୁବନେଶ୍ୱର, କଟକ ପର୍ଯ୍ୟନ୍ତ ଲୋକମାନେ ଓ ଏହି ସବୁ ଗ୍ରାମ ର ଛୋଟ ପିଲା ବିଦ୍ୟାଳୟ, ମହାବିଦ୍ୟାଳୟ କୁ ଯାଉଛନ୍ତି ଓ ସେହିପରି ଗର୍ଭବତୀ ମହିଳା ଓ ସାଧାରଣ ରୋଗୀ ମଧ ଯାଉଛନ୍ତି । ହେଲେ ଏହି ରାସ୍ତା ଏଭଳି ହୋଇଛି ଯେ ସେପଟେ ଯାତାୟାତ କରିବା କଷ୍ଟ ସାଧ ହୋଇ ପଡ଼ିଲାଣି, ଲୋକ ମାନେ ରାସ୍ତା ରେ ଗଲା ବେଳେ ଭଗବାନକୁ ଭରସା କରି ଯାଉଛନ୍ତି । ରାସ୍ତା ସାରା ଆଣ୍ଠୁଏ ଆଣ୍ଠୁଏ ଗର୍ତ୍ତ, ଏହି ଗର୍ତ୍ତ ରେ ପଡି ୨ ମାସ ମଧ ରେ ୪୦/୫୦ ଜଣ ଖଣ୍ଡିଆ ଖବରା ହୋଇ ଖୋର୍ଦ୍ଧା ମେଡିକାଲ ରେ ଚିକିତ୍ସା ହେଲେଣି, ଆମ୍ବୁଲାନ୍ସକୁ ଡାକିଲେ ଏହି ରାସ୍ତା ନାମ ଶୁଣି ଭୟ କରୁଛନ୍ତି,, ରାସ୍ତା ମଝିରେ ଏଭଳି ବଡ଼ ଗର୍ତ୍ତ ହୋଇଛି ଯେ ପିଲାମାନେ ସ୍କୁଲ ଯିବାକୁ ଅମଙ୍ଗ ହେଉଛନ୍ତି, ଏହି ରାସ୍ତା ଦେଇ ଥରେ ଯିଏ ଯାଉଛି, ଦ୍ୱିତୀୟ ଥର ଉକ୍ତ ରାସ୍ତା ଦେଇ ଯାଉନାହାନ୍ତି । ପୂର୍ବରୁ ଯେହେତୁ ଏହି ରାସ୍ତା ଟି ଅଳ୍ପ ଅଳ୍ପ ଗର୍ତ୍ତ ସୃଷ୍ଟି ହୋଇଥିଲା, ଲୋକ ମାନେ ଚଳ ପ୍ରଚଳ କରି ପାରୁଥିଲେ। ହେଲେ ଯେବେଠୁ ଜିଲ୍ଲା ପ୍ରଶାସନ ଅରାଙ୍ଗ ମୌଜା ରେ ଶିକ୍ଷାନୁଷ୍ଠାନ କାର୍ଯ୍ୟ ଆରମ୍ଭ କଲେ ସେବେଠାରୁ ଅର୍ଥାତ ଏହି ୨ ମାସ ଭିତରେ ବଡ଼ ବଡ଼ ମାଲ ବାହି ଗାଡି ଯାତାୟାତ ଦ୍ୱାରା ଏହି ରାସ୍ତା ଏବେ ବେହାଲ ହୋଇ ଯାଇଛି । ସରକାର ଅରାଙ୍ଗ ଶିକ୍ଷାନୁଷ୍ଠାନ ପାଇଁ ନୂତନ ରାସ୍ତା ନ କରି ଗ୍ରାମ ର ମାତ୍ର ୧୦/୧୨ ଫୁଟିଆ ଛୋଟ ରାସ୍ତାରେ ଏଭଳି ବଡ଼ ବଡ଼ ଗାଡି ର ଯାତାୟାତ ଫଳରେ ସାଧାରଣ ଲୋକ ଙ୍କ ପାଇଁ ଉର୍ଦ୍ଧିଷ୍ଟ ରାସ୍ତା ଟି ଏବେ ଶୋଚନୀୟ ହୋଇଗଲାଣି, ସବୁ ଜିଲ୍ଲା ସ୍ତରୀୟ ଅଧିକାରୀ, କମ୍ପାନୀ କର୍ତ୍ତୃପକ୍ଷ, ଇଡ଼କୋ ଅଧିକାରି, ତହସିଲଦାର, ପ୍ରତିଦିନ ଯାତାୟାତ କରୁଛନ୍ତି ହେଲେ କାହାର ହୃଦୟ ତରଳୁ ନାହିଁ, ସମସ୍ତେ ଦେଖି ନ ଦେଖିଲା ପରି ଅଭିନୟ କରି ନିଜ ସ୍ୱଳ୍ପ ସମୟ କାମ ସାରି ଚାଲି ଯାଉଛନ୍ତି, ଏଠାକାର ଲୋକଙ୍କ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସେହି ପରି ପିତାପଲି ଠାରୁ ଶରଧା ପୁର ପର୍ଯ୍ୟନ୍ତ ନୂଆ ୫୭ ନମ୍ବର ଜାତୀୟ ରାଜପଥ ଦୀର୍ଘ ବର୍ଷ ଧରି ନ ସରି କାମ ଚାଲି ଥିବାରୁ ଗୁରୁଜଙ୍ଗ ଓ ନୂଆଗାଁ ଓଭରବ୍ରିଜ ତଳ ଖାଲ ଖମା ହୋଇ ପାଣି ଜମି ରହୁଛି, ଯାହାକି ଲୋକ ଙ୍କ ଦୁର୍ଦ୍ଦଶା ନ କହିଲେ ଭଲ । ଏ ନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷ ସବୁ ଦେଖି ଚୁପ ହୋଇ ବସିଛନ୍ତି । ଏନେଇ ପୂର୍ବରୁ ପୂର୍ବ ଜିଲ୍ଲାପାଳ ଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନେଉ ନ ଥିବା ସାମାଜିକ କର୍ମୀ ଗୋପାଳ କୃଷ୍ଣ ପ୍ରଧାନ ଅଭିଯୋଗ କରିଛନ୍ତି । ଏହି ରାସ୍ତା ର ଅବସ୍ଥା କୁ ସୁଧାରିବ କିଏ, ଏ ନେଇ ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ସହିତ ସାମାଜିକ କର୍ମୀ ଯୋଗାଯୋଗ କରିଥିଲେ ମଧ ଏହି ରାସ୍ତା ଟି କେଉଁ ବିଭାଗ ର କେହି କହି ପାରୁନାହାନ୍ତି । ସମସ୍ତେ କହୁଛନ୍ତି ଆମେ ଦେଖିଲେ କହିବୁ,, ତେବେ ଉକ୍ତ ୧୫/୨୦ ଖଣ୍ଡ ଗ୍ରାମ ର ଦୈନ ଦିନ ଯାତାୟାତ କରୁଥିବା ଲୋକମାନେ ଏହି ରାସ୍ତା ର ଅବସ୍ଥା ସୁଧାରିବା ପାଇଁ କାହାକୁ କହିବେ ତାହା ଏବେ ଚିନ୍ତାର ବିଷୟ ଥିବା ବେଳେ ଏହି ରାସ୍ତାରେ ଦୁର୍ଘଟଣା ଘଟି ମୃତ୍ୟୁ ବରଣ ନ କଲା ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ର ଦୃଷ୍ଟି କୁ ଆସିବ ନାହିଁ ବୋଲି ସ୍ଥାନୀୟ ଲୋକ ମାନେ ମତ ଦେଇଛନ୍ତି । ତେଣୁ ଜିଲ୍ଲାପାଳ,ଏଥିପ୍ରତ ତୁରନ୍ତ ଦୃଷ୍ଟି ଦିଅନ୍ତୁ, ନ ଚେତ ଆଗକୁ ଏହି ରାସ୍ତା ନେଇ ଏକ ବିରାଟ ଆନ୍ଦୋଳନ ମୁଣ୍ଡ ଟେକିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

## ଓଡ଼ିଶା ରାଜ୍ୟପାଳଙ୍କ ଏଡିସି ଭାବେ ଯୋଗ ଦେଲେ ଅନୁଗୁ ଶିବା ମାରୁତି ରେଡ୍ଡୀ

ଭୁବନେଶ୍ୱର, ୨୫/୮ (ନି.ପ୍ର): ଆଇପିଏସ ଅଧିକାରୀ ଅନୁଗୁ ଶିବା ମାରୁତି ରେଡ୍ଡୀ ମଙ୍ଗଳବାର ଦିନ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ ଏଡିସି (ଏଡ୍-ଡି-କ୍ୟାମ୍ପ) ଭାବେ ଯୋଗ ଦେଇଛନ୍ତି। ଲୋକ ଭବନରେ ଏକ ଔପଚାରିକ ସମାରୋହରେ ରାଜ୍ୟପାଳ ଶ୍ରୀ ରେଡ୍ଡୀଙ୍କୁ ନୂତନ ଦାୟିତ୍ୱରେ ସ୍ୱାଗତ କରିଛନ୍ତି। ଏହି ଅବସରରେ ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଡ. ରୂପା ରୋଶନ ସାହୁଙ୍କ ସମେତ ରାଜ୍ୟପାଳଙ୍କ ସଚିବାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ନୂତନ ପଦବୀ ଗ୍ରହଣ କରିବା ପୂର୍ବରୁ ଶ୍ରୀ ରେଡ୍ଡୀ ଜି. ଉଦୟଗିରିର ସବ୍-ଡିଭିଜନାଲ୍ ପୋଲିସ୍ ଅଫିସର୍ (ଏସଡିପିଓ) ଭାବେ କାର୍ଯ୍ୟରତ ଥିଲେ। ପୂର୍ବରୁ ରାଜ୍ୟପାଳଙ୍କ ପୋଲିସ ଏଡିସି ଭାବେ କାର୍ଯ୍ୟରତ ଥିବା ଆଇପିଏସ୍ ଅଧିକାରୀ ଅନନ୍ୟା ଅଓ୍ୱସ୍ଥୀଙ୍କ ସ୍ଥାନରେ ଶ୍ରୀ ରେଡ୍ଡୀ ଯୋଗ ଦେଇଛନ୍ତି।

# ଲାୟନ୍ସ କ୍ଲବ୍ ବାରିପଦାର ବାର୍ଷିକ ଆନ୍ତଃ-ବିଦ୍ୟାଳୟ ଚିତ୍ରକଳା ପ୍ରତିଯୋଗିତା



ବାରିପଦା, ୨୫/୮ (ନି.ପ୍ର): ପ୍ରତିବର୍ଷର ପରମ୍ପରାକୁ ଅବ୍ୟାହତ ରଖି ଲାୟନ୍ସ କ୍ଲବ୍ ବାରିପଦା ପକ୍ଷରୁ ଆଜି, ୨୩ ଅଗଷ୍ଟ, ରବିବାର, ଲାୟନ୍ସ ବିଲ୍ଡିଂ, ବାରିପଦାଠାରେ ବାର୍ଷିକ ଆନ୍ତଃ-ବିଦ୍ୟାଳୟ ଚିତ୍ରକଳା ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୩ଟି ବିଦ୍ୟାଳୟରୁ ୪୩ ଜଣ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ପ୍ରତିଯୋଗିତାରେ ଏକ ନୂତନ ଓ ସୃଜନଶୀଳ ବିଷୟବସ୍ତୁ ଉପରେ ଚିତ୍ରାଙ୍କନର ସୁଯୋଗ ଦିଆଯାଇଥିଲା। ଏହା ଛାତ୍ରଛାତ୍ରୀମାନଙ୍କୁ ନିଜର କଳ୍ପନାଶକ୍ତି, ସୃଜନଶୀଳତା ଓ କଳାତ୍ମକ ପ୍ରତିଭାକୁ ପ୍ରକାଶ କରିବାର ଏକ ସୁନ୍ଦର ମଞ୍ଚ ପ୍ରଦାନ କରିଥିଲା। ପ୍ରବଳ ବର୍ଷା ସତ୍ତ୍ୱେ ଛାତ୍ରଛାତ୍ରୀମାନଙ୍କର ଅଦମ୍ୟ ଉତ୍ସାହ ଓ ସକ୍ରିୟ ଅଂଶଗ୍ରହଣ ଏହି କାର୍ଯ୍ୟକ୍ରମକୁ ଆହୁରି ସ୍ମରଣୀୟ କରିଥିଲା। ଏହି ଅବସରରେ ମୟୂରଭଞ୍ଜର ମହାରାଣୀ ଶ୍ରୀମତୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଗରିମା ବଢ଼ାଇଥିଲେ। ଅଂଶଗ୍ରହଣକାରୀ ବିଦ୍ୟାଳୟଗୁଡ଼ିକର , ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ମଧ ଉପସ୍ଥିତ ରହି ପ୍ରତିଯୋଗିତାର ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ତାଙ୍କର ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ପାଇଁ ମେରିଟ୍ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ – ସଞ୍ଜନା ମହାନ୍ତ, ଦ୍ୱିତୀୟ ସ୍ଥାନ – ଦେବାଶିଷ ଗିରି ଏବଂ ତୃତୀୟ ସ୍ଥାନ – ଇନ୍ଦ୍ରନୀଲ ଭୌମିକ ଅଧିକାର କରିଥିଲେ। ବିଜେତାମାନଙ୍କୁ ପୁରସ୍କାର ଓ ସମ୍ମାନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସମସ୍ତ ଅଂଶଗ୍ରହଣକାରୀ ଶିଶୁଙ୍କ ପାଇଁ ଜଳଖିଆର ମଧ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମରେ ଲାୟନ୍ସ କ୍ଲବ୍‌ର ବରିଷ୍ଠ ଓ ପୂର୍ବତନ ସଦସ୍ୟମାନଙ୍କର ଉପସ୍ଥିତି ଏକ ବିଶେଷ ଆକର୍ଷଣ ଥିଲା। ଦୀର୍ଘ ବର୍ଷ ପରେ ଅନେକ ପୂର୍ବତନ ସଦସ୍ୟ ଏକତ୍ରିତ ହୋଇ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେମାନଙ୍କର ଉପସ୍ଥିତି କ୍ଲବ୍ ସଦସ୍ୟମାନଙ୍କ ମଧ୍ୟରେ ଭାଇଚାରା, ପୁରୁଣା ସ୍ମୃତି ଓ ଉତ୍ସାହର ଏକ ସୁନ୍ଦର ପରିବେଶ ସୃଷ୍ଟି କରିଥିଲା। ପ୍ରତିଯୋଗିତାର ବିଜେତାମାନେ ଏବେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ରାଜ୍ୟସ୍ତରରେ ବିଜୟୀ ହେଉଥିବା ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣର ସୁଯୋଗ ମିଳିବ। ଏହା ଯୁବ କଳାକାରମାନଙ୍କ ପାଇଁ ନିଜର ପ୍ରତିଭା ଓ ସୃଜନଶୀଳତାକୁ ବ୍ୟାପକ ସ୍ତରରେ ପ୍ରଦର୍ଶନ କରିବାର ଏକ ଉତ୍କୃଷ୍ଟ ମଞ୍ଚ। ଏହି ଅବସରରେ ଲାୟନ୍ ପ୍ରେସିଡେଣ୍ଟ ଲାୟନ୍ ହେମନ୍ତ ଶାହ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ, ବରିଷ୍ଠ ଲାୟନ୍ସ ସଦସ୍ୟ ଏବଂ କ୍ଲବ୍‌ର ସମସ୍ତ ସଦସ୍ୟଙ୍କୁ ଉଷ୍ମ ସ୍ୱାଗତ ଜଣାଇବା ସହ କାର୍ଯ୍ୟକ୍ରମକୁ ସଫଳ କରିବାରେ ସମସ୍ତଙ୍କର ମୂଲ୍ୟବାନ ସହଯୋଗ, ଉତ୍ସାହ ଓ ସକ୍ରିୟ ଅଂଶଗ୍ରହଣ ପାଇଁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ। ଲାୟନ୍ ପ୍ରେସିଡେଣ୍ଟ ହେମନ୍ତ ଶାହ ବିଶେଷ ଭାବେ ବିଦ୍ୟାଳୟ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ, ଅତିଥି ଏବଂ ଲାୟନ୍ସ ସଦସ୍ୟମାନଙ୍କର ଏହି ବାର୍ଷିକ ପ୍ରୟାସ ପ୍ରତି ନିରନ୍ତର ଆଗ୍ରହ ଓ ସହଯୋଗକୁ ପ୍ରଶଂସା କରିଥିଲେ। ଶିଶୁମାନଙ୍କର ପ୍ରତିଭା ବିକାଶ ଓ ସୃଜନଶୀଳତାକୁ ପ୍ରୋତ୍ସାହନ ଦେବା ସହ ସମାଜସେବାର ଏଭଳି ଅର୍ଥପୂର୍ଣ୍ଣ କାର୍ଯ୍ୟକ୍ରମରେ ଆଗାମୀ ଦିନରେ ମଧ ଲାୟନ୍ସ କ୍ଲବ୍ ବାରିପଦା ସହ ଯୋଡ଼ି ରହିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ସମଗ୍ର କାର୍ଯ୍ୟକ୍ରମଟି ଆନନ୍ଦ, ଉତ୍ସାହ ଓ ସୃଜନଶୀଳତାରେ ଭରପୂର ଏକ ସ୍ମରଣୀୟ ଅବସରରେ ପରିଣତ ହୋଇଥିଲା। ଏହା ଯୁବ ପ୍ରତିଭାକୁ ପ୍ରୋତ୍ସାହନ, ସୃଜନଶୀଳତାର ବିକାଶ ଏବଂ ସମାଜସେବା ମାଧ୍ୟମରେ ସମାଜର କଲ୍ୟାଣ ପ୍ରତି ଲାୟନ୍ସ କ୍ଲବ୍ ବାରିପଦାର ନିରନ୍ତର ପ୍ରତିବଦ୍ଧତାର ଏକ ସୁନ୍ଦର ଉଦାହରଣ ହୋଇ ରହିଲା। ସମସ୍ତ ଅଂଶଗ୍ରହଣକାରୀ, ବିଜେତା, ବିଦ୍ୟାଳୟ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ, ବିଚାରକ, ମାନ୍ୟଗଣ୍ୟ ଅତିଥି ଏବଂ ଲାୟନ୍ସ କ୍ଲବ୍‌ର ସମସ୍ତ ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଆନ୍ତରିକ ଧନ୍ୟବାଦ—ଆପଣମାନଙ୍କର ସହଯୋଗ ଓ ଅଂଶଗ୍ରହଣ ହିଁ ଏହି କାର୍ଯ୍ୟକ୍ରମକୁ ଏକ ଭବ୍ୟ ସଫଳତାରେ ପରିଣତ କରିଛି।

# ଶକ୍ତିଶ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ




ଖଇରା, ୨୫/୮ (ନି.ପ୍ର): ଖଇରା ବ୍ଲକ ଅନ୍ତର୍ଗତ ଗରସଙ୍ଗ ସ୍ଥିତ ଜମ୍ବେଶ୍ୱର ଡିଗ୍ରୀ ମହାବିଦ୍ୟାଳୟରେ "ଶକ୍ତିଶ୍ରୀ ସଶକ୍ତିକରଣ ସେଲ୍" ଆନୁକୂଲ୍ୟରେ + ୩ ଛାତ୍ରୀମାନଙ୍କ ପାଇଁ ଆୟୋଜିତ ସପ୍ତାହବ୍ୟାପୀ ଶକ୍ତିଶ୍ରୀ ଆତ୍ମରକ୍ଷା ତାଲିମ ଶିବିର ଚଳିତ ମାସ ୧୯ ତାରିଖ ଠାରୁ ଆରମ୍ଭ ହୋଇ .୨୫ ତାରିଖରେ ଉଦ୍‌ଯାପିତ ହୋଇଯାଇଛି ।ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ ରତ୍ନାକର ହାତିଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଭଦ୍ରକ ଜିଲ୍ଲା ର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ଆତ୍ମରକ୍ଷା ତାଲିମ ଶିବିରକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅଧାପକ ମାନସ ରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରି ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମର ଆବଶ୍ୟକତା, ଉଦ୍ଦେଶ୍ୟ, ଲକ୍ଷ୍ୟ ଓ ନିୟମାବଳୀ ସମ୍ପର୍କରେ ଅବଗତ କରାଇଥିଲେ। ସେ ଛାତ୍ରୀମାନଙ୍କୁ ନିଜ ସୁରକ୍ଷା ପ୍ରତି ସଚେତନ ହେବା ସହିତ ଆତ୍ମବିଶ୍ୱାସର ସହ ଯେକୌଣସି ପରିସ୍ଥିତିର ସମ୍ମୁଖୀନ ହେବାକୁ ପ୍ରେରିତ କରିଥିଲେ। ପ୍ରାଣୀ ବିଜ୍ଞାନର ଅଧାପିକା ତଥା ଶକ୍ତିଶ୍ରୀ ସଂଯୋଜିକା ଶୁଭଦର୍ଶିନୀ ବେହେରା ଛାତ୍ରୀମାନଙ୍କୁ ଯୋଗାଭ୍ୟାସ, ଶାରୀରିକ ଓ ମାନସିକ ସୁସ୍ଥତା ସହିତ ଆତ୍ମରକ୍ଷାର ବିଭିନ୍ନ କୌଶଳ ଓ ପ୍ରଣାଳୀ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଆତ୍ମରକ୍ଷା ତାଲିମ ପ୍ରଶିକ୍ଷିକା ଅର୍ଚ୍ଚନା ଜେନା ଛାତ୍ରୀମାନଙ୍କ ମନରେ ସାହସ, ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରଶୀଳତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ସେ ଉଲ୍ଲେଖ କରିଥିଲେ। ତାଲିମ କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ମହାବିଦ୍ୟାଳୟର ଅଧକ୍ଷ, ସମସ୍ତ ଅଧାପକ, ଅଧାପିକା, ପ୍ରଶିକ୍ଷିକା, ଅତିଥି ଓ କର୍ମଚାରୀଙ୍କ ଉପସ୍ଥିତିରେ ତାଲିମ ଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରମାଣପତ୍ର ପାଇ ଛାତ୍ରୀମାନଙ୍କ ମନରେ ଆତ୍ମବିଶ୍ୱାସ, ଉତ୍ସାହ ଓ ଆତ୍ମନିର୍ଭରତାର ଭାବନା ଆହୁରି ଦୃଢ଼ ହୋଇଥିଲା। ପରିଶେଷରେ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ଅଧାପକ ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରି ମୁଖ୍ୟ ଅତିଥି, ସମସ୍ତ ଅଧାପକ-ଅଧାପିକା, କର୍ମଚାରୀ ଓ ଛାତ୍ରୀମାନଙ୍କୁ କାର୍ଯ୍ୟକ୍ରମର ସଫଳ ଆୟୋଜନ ଓ ସକ୍ରିୟ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ।

## ଛାତ୍ର ସଂସଦ ନିର୍ବାଚନ ଓ କ୍ୟାମ୍ପସ ସମସ୍ୟା ନେଇ ଏବିଭିପିର ଦାବିପତ୍ର ପ୍ରଦାନ

ଭୁବନେଶ୍ୱର, ୨୫/୮ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀପ୍ରସାଦ ନନ୍ଦଙ୍କୁ ଭେଟି ଛାତ୍ର ସଂସଦ ନିର୍ବାଚନ ଓ ବିଶ୍ୱବିଦ୍ୟାଳୟର ବିଭିନ୍ନ ଛାତ୍ର ସମସ୍ୟା ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ସମୟ ଧରି ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ନହେବା ଫଳରେ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ପ୍ରତିନିଧିତ୍ୱ ବାଧାପ୍ରାପ୍ତ ହେଉଛି। ତେଣୁ ଚଳିତ ଶିକ୍ଷାବର୍ଷରେ ଛାତ୍ର ସଂସଦ ନିର୍ବାଚନ ଶୀଘ୍ର ଘୋଷଣା କରିବା ସହ ଛାତ୍ରମାନଙ୍କ ସମସ୍ୟାର ସମାଧାନ ପାଇଁ ପରିଚାଳନା କମିଟି ଗଠନ କରିବାକୁ ଏବିଭିପି ପକ୍ଷରୁ ଦାବି କରାଯାଇଛି।

# ସମାଜସେବୀ ରତିକାନ୍ତ ମହାନ୍ତିଙ୍କ ସ୍ମୃତିଚାରଣ ସଭା



ବାସୁଦେବପୁର, ୨୫/୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ପଞ୍ଚାୟତର ରତାଙ୍ଗ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ସମାଜସେବୀ ରତିକାନ୍ତ ମହାନ୍ତିଙ୍କ ଏକାଦଶାହ ଅବସରରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ସଭାରେ ଶିକ୍ଷାବିତ୍ ସୁରେନ୍ଦ୍ର ପ୍ରସାଦ ବେଜ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ପୂର୍ବତନ ସରପଞ୍ଚ ସୂର୍ଯ୍ୟକାନ୍ତ ସେଠୀ,ଶିକ୍ଷାବିତ୍ ସୁରେନ୍ଦ୍ର ପ୍ରସାଦ ପାତ୍ର,କୃପାସିନ୍ଧୁ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ରତିକାନ୍ତ ମହାନ୍ତିଙ୍କ କର୍ମମୟ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷକ ଦୈତାରୀ ବେହେରା ମଞ୍ଚ ପରିଚାଳନ କରିଥିଲେ। ଏହି ସଭାରେ ପରିବାର ସଦସ୍ୟ ମୁକ୍ତିକାନ୍ତ ମହାନ୍ତି,ଶ୍ରୀକାନ୍ତ ମହାନ୍ତି, ତାପସ ମହାନ୍ତି ଓ ସମସ୍ତ ପରିବାର ବର୍ଗ ସହଯୋଗ କରିଥିଲେ। ସମସ୍ତେ ସମାଜସେବୀ ରତିକାନ୍ତ ମହାନ୍ତିଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ପୁଲିସ-ଶିକ୍ଷାର୍ଥୀଙ୍କ...

ସେମାନେ ବିଭିନ୍ନ ପ୍ରକାରର ନାରା ଦେଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ଶୋଭାଯାତ୍ରା ଆରମ୍ଭ କରିଥିଲେ। ସେମାନଙ୍କୁ ଅଟକାଇବା ପାଇଁ ପୁଲିସ୍ ସରକାର ବିଭିନ୍ନ ସ୍ଥାନରେ ବ୍ୟାରିକେଡ ଲଗାଇଥିଲା। କିନ୍ତୁ ବିକ୍ଷୋଭକାରୀମାନେ ଏହାକୁ ଭାଙ୍ଗି ଆଗକୁ ବଢ଼ିଥିଲେ। ଶିକ୍ଷାର୍ଥୀମାନେ ଆଗକୁ ବଢୁଥିବା ବେଳେ ପାଟନାରେ ଜମି ସମ୍ପର୍କିତ ବିବାଦ ପାଇଁ ବିକ୍ଷୋଭ କରୁଥିବା ଗୋଟିଏ ଚାଷୀ ସଂଗଠନ ସେମାନଙ୍କ ଶୋଭାଯାତ୍ରାରେ ସାମିଲ ହୋଇଥିଲା। ସେମାନଙ୍କ ହାତରେ କଳାପତକା ରହିଥିଲା। ଛାତ୍ର ଆନ୍ଦୋଳନକୁ ଦୃଷ୍ଟି ରଖି ବିହାର ସରକାର ସେମାନଙ୍କ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ସରକାର ଆଲୋଚନା ସକାରାତ୍ମକ ରହିବା କହୁଥିଲେ ହେଁ ଆନ୍ଦୋଳନ ବନ୍ଦ ହୋଇ ନଥିଲା। ସରକାରଙ୍କ ସହ ଆଲୋଚନା କରିବା ପରେ ବିକ୍ଷୋଭକାରୀ ଆଜି ଗାନ୍ଧି ମୈଦାନରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ଶୋଭାଯାତ୍ରା ପାଇଁ ଡାକରା ଦେଇଥିଲେ। ଏହି ଘୋଷଣା ଅନୁସାରେ ଆଜି ଶୋଭାଯାତ୍ରା ବେଳେ ଖଣ୍ଡଯୁଦ୍ଧ ଦେଖିବାକୁ ମିଳିଛି। ସେମାନେ ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ସହ ସିଧାସଳଖ ଆଲୋଚନା ଦାବିରେ ଏପରି ଶୋଭାଯାତ୍ରା କରିଛନ୍ତି। ଏପଟେ ଛାତ୍ର ଆନ୍ଦୋଳନ ଭିତରେ ବିହାର ସରକାର ମଙ୍ଗଳବାର ମାସିକ ବିଦ୍ୟାର୍ଥୀ ସହଯୋଗ ଶିବିରର ଲଞ୍ଚ କାଛନ୍ତି। ଏହି କାର୍ଯ୍ୟକ୍ରମରେ ଶିକ୍ଷାର୍ଥୀଙ୍କ ଆପତ୍ତିକୁ ଶୁଣିବେ ସରକାର। ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ପ୍ରତି ମାସର ୪ର୍ଥ ମଙ୍ଗଳବାର ସ୍ୱତନ୍ତ୍ର ଅଭିଯୋଗ ପ୍ରକୋଷ୍ଠ ରହିବ। ଏହାକୁ ଦେଖି ପୁଲିସ୍ ସହ ସାମିଲ ହୋଇଥିଲେ ସିଆରପିଏଫ ଯବାନ। ବାରମ୍ବାର ଚେତାବନୀ ସତ୍ତ୍ୱେ ବିକ୍ଷୋଭକାରୀମାନେ ସେମାନଙ୍କ ଶୋଭାଯାତ୍ରାକୁ ବନ୍ଦ କରି ନଥିଲେ। ସେମାନେ ଆଗକୁ ବଢ଼ିବାରୁ ପୁଲିସ୍ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା କହିଛି। ବିହାରର ଶିକ୍ଷାର୍ଥୀମାନେ ପାଟନାର ଗାରଦାନିବାଗ ଅଞ୍ଚଳରେ ବେଶ କିଛି ସପ୍ତାହ ହେଲା ଆନ୍ଦୋଳନ କରୁଛି। ବିପିଏସ୍‌ସି-ଟାୟାର ୪ରେ ଏକକ ପରୀକ୍ଷା, ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା, ବିହାର ଷ୍ଟାଫ ସିଲେକସନ କମିଶନ ଦ୍ୱାରା ପରୀକ୍ଷା ଓ ହିନ୍ଦୀ ମାଧ୍ୟମ ପିଲାଙ୍କୁ ଉପଯୁକ୍ତ ସୁଯୋଗ ଦେବାକୁ ସେମାନେ ଦାବି କରୁଛନ୍ତି। ଛାତ୍ର ଆନ୍ଦୋଳନକୁ ଦୃଷ୍ଟି ରଖି ବିହାର ସକରାର ସେମାନଙ୍କ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ସରକାର ଆଲୋଚନା ସକାରାତ୍ମକ ରହିବା କହୁଥିଲେ ହେଁ ଆନ୍ଦୋଳନ ବନ୍ଦ ହୋଇ ନଥିଲା। ସରକାରଙ୍କ ସହ ଆଲୋଚନା କରିବା ପରେ ବିକ୍ଷୋଭକାରୀ ଆଜି ଗାନ୍ଧି ମୈଦାନରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ଶୋଭାଯାତ୍ରା ପାଇଁ ଡାକରା ଦେଇଥିଲେ। ଏହି ଘୋଷଣା ଅନୁସାରେ ଆଜି ଶୋଭାଯାତ୍ରା ବେଳେ ଖଣ୍ଡଯୁଦ୍ଧ ଦେଖିବାକୁ ମିଳିଛି। ସେମାନେ ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ସହ ସିଧାସଳଖ ଆଲୋଚନା ଦାବିରେ ଏପରି ଶୋଭାଯାତ୍ରା କରିଛନ୍ତି। ଏପଟେ ଛାତ୍ର ଆନ୍ଦୋଳନ ଭିତରେ ବିହାର ସରକାର ମଙ୍ଗଳବାର ମାସିକ ବିଦ୍ୟାର୍ଥୀ ସହଯୋଗ ଶିବିରର ଲଞ୍ଚ କାଛନ୍ତି। ଏହି କାର୍ଯ୍ୟକ୍ରମରେ ଶିକ୍ଷାର୍ଥୀଙ୍କ ଆପତ୍ତିକୁ ଶୁଣିବେ ସରକାର। ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ପ୍ରତି ମାସର ୪ର୍ଥ ମଙ୍ଗଳବାର ସ୍ୱତନ୍ତ୍ର ଅଭିଯୋଗ ପ୍ରକୋଷ୍ଠ ରହିବ। ସେହିଦିନ ପିଲାମାନେ ଅଧିକାରୀମାନଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ଜଣାଇ ପାରିବେ। ଏହାବାଦ ପିଲାମାନେ ୧୧୦୦ ନମ୍ବରରେ ଫୋନ କରି ନିଜର ଅଭିଯୋଗ ଦଖଲ କରିପାରିବେ ବୋଲି ସରକାର କହିଛନ୍ତି।

## ଆଇଏଏସ୍ ଓ ଓଏଏସ...

ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଥିବା ଆଇଏଏସ୍ ବୀରେନ୍ଦ୍ର କୋରକୋରାଙ୍କୁ ଗୃହ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି। ଗୃହ ବିଭାଗର ଅତିରିକ୍ତ ସଚିବ ଆଇଏଏସ୍ ଆରାଧନା ଦାସଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ସଚିବ କରାଯାଇଛି । ଓବିସି ନିର୍ଦ୍ଦେଶକ ଥିବା ଆଇଏଏସ୍ ଯୁଗଳେଶ୍ୱରୀ ଦାଶଙ୍କୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବା ବେଳେ ଅବକାରୀ ବିଭାଗର ଅତିରିକ୍ତ ସଚିବ ଆଇଏଏସ୍ ଅର୍ଚ୍ଚନା ଦାସ ପଟ୍ଟନାୟକଙ୍କୁ ଆୟୁଷ ନିର୍ଦ୍ଦେଶକ ଓ ସେଠାରେ ଥିବା ଆଇଏଏସ୍ ଅଞ୍ଜନା ପଣ୍ଡାଙ୍କୁ ଅବକାରୀ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ପୂର୍ତ୍ତ ବିଭାଗର ଉପସଚିବ ଆଇଏଏସ୍ ସୁନ୍ଦରମାଧବ ପାଢ଼ୀଙ୍କୁ ଓଡ଼ିଶା ମେରିଟାଇମ୍ ବୋର୍ଡର ସିଇଓ ଭାବେ ବଦଳି କରାଯାଇଛି। ସେ ଅତିରିକ୍ତ ଭାବେ ଓଏସଆରଟିସିର ଜେନେରାଲ ମ୍ୟାନେଜର ଭାବେ ଦାୟିତ୍ୱ ତୁଲାଇବେ। ସେହିପରି ଓଏଏସ୍ ଅଫିସରସ୍ତରରେ ମଧ ବଡ଼ଧରଣର ବଦଳି ହୋଇଛି। ଜଙ୍ଗଲ ଓ ପରିବେଶ ବିଭାଗର ସ୍ୱତନ୍ତ୍ର ସଚିବ ବବିତା ମହାନ୍ତିଙ୍କୁ ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ସଚିବ, ଲୋକାୟୁକ୍ତରେ ଅତିରିକ୍ତ ସଚିବ ହିମାଂଶୁ ଶେଖର ବେହେରାଙ୍କୁ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ, କଟକ ମହାନଗର ନିଗମର ଅତିରିକ୍ତ କମିଶନର କଳ୍ପତରୁ ବେହେରାଙ୍କୁ ଇଷ୍ଟେଟ୍ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଛି। ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ସନ୍ତୋଷୀ ସାହୁଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ, ମନସ୍ୱିନୀ ସାହୁଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ସଚିବ, ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ଦେବବ୍ରତ ମଲ୍ଲିକଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ, ଯୋଜନା ବିଭାଗର ଅତିରିକ୍ତ ସଚିବ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କୁ ଓଡ଼ିଶା ୟୁନିଫର୍ମଡ ସର୍ଭିସ ଷ୍ଟାଫ ସିଲେକ୍ସନ କମିଶନର ସଚିବ, ଜଳସମ୍ପଦ ବିଭାଗର ଯୁଗ୍ମ ସଚିବ ଜୟଶ୍ରୀ ସେନାପତିଙ୍କୁ ଡଟଝଝଝଉର ଯୁଗ୍ମ ସଚିବ, କ୍ରୀଡ଼ା ବିଭାଗର ଓଏସଡି ସ୍ୱରୂପାନନ୍ଦ ସାହୁଙ୍କୁ OUSSSCରେ ଉପସଚିବ ଓ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ପରେଶ କୁମାର ନାୟକଙ୍କୁ କଟକ ମହାନଗର ନିଗମର ଅତିରିକ୍ତ କମିଶନର ଭାବେ ବଦଳି କରାଯାଇଛି । ସେହିପରି କରଞ୍ଜିଆ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ (ପିଏ) ଚିତ୍ତରଞ୍ଜନ ମହାନ୍ତଙ୍କୁ ସୁବର୍ଣ୍ଣପୁରର ଅତିରିକ୍ତ ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଥିବାବେଳେ କରଞ୍ଜିଆ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ାଙ୍କୁ ଆଇଟିଡିଏର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ବଦଳି ହୋଇଥିବା ସମସ୍ତ ଅଧିକାରୀଙ୍କୁ ୭ ଦିନ ମଧରେ କାର୍ଯ୍ୟମୁକ୍ତ ହୋଇ କୌଣସି ଛୁଟି ନନେଇ ତୁରନ୍ତ ନୂଆ ପଦବୀରେ ଯୋଗଦେବାକୁ ନିର୍ଦ୍ଦେଶ ଜାରି ହୋଇଛି। ଏହି ବିଜ୍ଞପ୍ତି ଜାରି ହେବାର ୭ଦିନ ମଧରେ ଟ୍ରାନଫର ହୋଇଥିବା ଏହି ଅଫିସରମାନଙ୍କୁ ମୁକ୍ତ କରିବାକୁ ସେମାନଙ୍କର ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନଚେତ୍ ସମ୍ପୃକ୍ତ ଅଫିସରମାନଙ୍କୁ ସେପ୍ଟେମ୍ବର ୧ ଅପରାହ୍ନରୁ କେନ୍ଦ୍ରୀୟ ଭାବେ ମୁକ୍ତ କରାଗଲା ବୋଲି ବିବେଚନା କରାଯିବା ନେଇ ବିଜ୍ଞପ୍ତିରେ ଦର୍ଶାଯାଇଛି।

## ପୁଣି ଆସୁଛି ଆଉ ...

ଉତ୍ତର ଏବଂ ଉପକୂଳ ଓଡିଶାରେ ଚାଷ ଜମି ଏବେ ପାଣି ଘେରରେ। ଓଡ଼ିଶାର ଭାତ ହାଣ୍ଡି କୁହାଯାଉଥିବା ବାଲେଶ୍ୱରର ସ୍ଥିତି ବେହାଲ। ବଙ୍ଗୋପସାଗରରେ ସକ୍ରିୟ ମୌସୁମୀ ପ୍ରବାହ ଘୂର୍ଣ୍ଣିବଳୟକୁ ଘନୀଭୂତ ହେବା ପାଇଁ ଅନୁକୂଳ ପରିବେଶ ଦେଉଛି। ଫଳରେ ଗୋଟିଏ ପରେ ଗୋଟିଏ ଲଘୁଚାପ ସୃଷ୍ଟି ହେଉଛି। ଜୁଲାଇ ଓ ଅଗଷ୍ଟ ଏହି ଦୁଇ ମାସରେ ଏପର୍ଯ୍ୟନ୍ତ ୭ଟି ଲଘୁଚାପ ସୃଷ୍ଟି ହୋଇସାରିଛି। ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଏହାର ସଂଲଗ୍ନ ଝାଡ଼ଖଣ୍ଡ ଓ ଉତ୍ତର-ଓଡ଼ିଶା ନିକଟରେ ବଙ୍ଗୋପସାଗରରେ ଏବେ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ଆସନ୍ତା ୨୪ ଘଣ୍ଟାରେ ଏହା ଝାଡ଼ଖଣ୍ଡ ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବା ସମ୍ଭାବନା ରହିଛି। ଏହାରି ଭିତରେ ଅଗଷ୍ଟ ୨୭ରୁ ୨୮ ମଧରେ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ସହ ୩୦ ତାରିଖ ବେଳକୁ ତାହା ଲଘୁଚାପର ରୂପ ନେବା ସମ୍ଭାବନା ରହିଛି। ପ୍ରଭାବରେ ରାଜ୍ୟରେ ୨୯ରୁ ପ୍ରବଳ ବର୍ଷା ଆଶଙ୍କା ରହିଛି। ଜୁନ୧ରୁ ଅଗଷ୍ଟ ୨୫ ସୁଦ୍ଧା ରାଜ୍ୟରେ ୧୦୭୬.୯ ମିଲିମିଟର ବର୍ଷା ହୋଇଛି। ଯାହା ସ୍ୱାଭାବିକ ଠାରୁ ୩୦% ଅଧିକ। ଲଘୁଚାପ ପ୍ରଭାବରେ ବର୍ଷାର ପରିମାଣ ଆହୁରି ବଢିବା ସମ୍ଭାବନା ରହିଛି।

## ୨୨ରୁ ବିଧାନସଭାର...

ଅକ୍ଟୋବର ୨ତାରିଖ ଗାନ୍ଧଜୟନ୍ତୀ ପାଇଁ ବିଧାନସଭା ବନ୍ଦ ରହିବ ଓ ୩ତାରିଖରେ ସରକାରୀ କାର୍ଯ୍ୟଦିବସ ସହ Odisha Assembly ଅଧିବେଶନ ସମାପ୍ତ ହେବ ବୋଲି ଜଣାପଡ଼ିଛି । ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଏନେଇ ସଂସଦୀୟ ବ୍ୟାପାର ବିଭାଗକୁ ଚିଠି ଲେଖି ଅବଗତ କରାଇଛନ୍ତି। ପ୍ରସ୍ତାବିତ କାର୍ଯ୍ୟସୂଚୀ ଅନୁଯାୟୀ ସରକାରୀ ଅନୁମୋଦନ ମିଳିବା ପରେ ରାଜ୍ୟପାଳଙ୍କ ଦ୍ୱାରା ଅଧିବେଶନ ଆହ୍ୱାନ କରିବା ନିମନ୍ତେ ପଦକ୍ଷେପ ନେବାକୁ ଚିଠିରେ ଉଲ୍ଲେଖ ରହିଛି।

## ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ...

ପାଇଥିବା ଏବଂ ସଂସଦରେ କାର୍ଯ୍ୟକାଳ ଶେଷ ହେବାକୁ ଥିବା କେତେକ ମନ୍ତ୍ରୀଙ୍କ ସ୍ଥାନରେ ନୂତନ ସହଯୋଗୀ ଦଳ ଏବଂ ଯୁବ ଚେହେରାମାନଙ୍କୁ ସାମିଲ କରାଯିବ। ବର୍ତ୍ତମାନ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ପ୍ରଧାନମନ୍ତ୍ରୀଙ୍କୁ ମିଶାଇ ମୋଟ ୬୯ ଜଣ ସଦସ୍ୟ ରହିଛନ୍ତି। ସମ୍ବିଧାନର ଧାରା ୭୫(୧ଏ) ଅନୁଯାୟୀ କେନ୍ଦ୍ରରେ ସର୍ବାଧିକ ୮୧ ଜଣ ମନ୍ତ୍ରୀ ରହିପାରିବେ, ଯାହା ଫଳରେ ବର୍ତ୍ତମାନ ମନ୍ତ୍ରିମଣ୍ଡଳରେ ଆହୁରି ୧୨ଟି ପଦବି ଖାଲି ରହିଛି। ନିକଟରେ ଯୁବ ଆନ୍ଦୋଳନ ଯୋଗୁ ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷା ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ବେଳେ ରାଜ୍ୟସଭା କାର୍ଯ୍ୟକାଳ ଶେଷ ହେବା ଯୋଗୁଁ ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଅନ ଏବଂ ରବନୀତ ସିଂହ ବିଟ୍ଟୁ ମଧ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହି ବ୍ୟାପକ ସମ୍ପ୍ରସାରଣରେ ଆଗାମୀ ୨୦୨୯ ଲୋକସଭା ନିର୍ବାଚନ ଏବଂ ଉତ୍ତର ପ୍ରଦେଶ, ପଞ୍ଜାବ, ଗୁଜରାଟ ପରି ପ୍ରମୁଖ ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ରାଜନୈତିକ ସମୀକରଣକୁ ଗୁରୁତ୍ୱ ଦିଆଯାଉଛି। ନୂତନ ଜାତୀୟ ସଭାପତି ନିତିନ ନବୀନଙ୍କ ଟିମ୍‌ରେ ବାଣିଜ୍ୟ ମନ୍ତ୍ରୀ ପିୟୂଷ ଗୋୟଲଙ୍କୁ ଦଳର କୋଷାଧକ୍ଷ କରାଯାଇଥିବା ବେଳେ ହର୍ଷ ମାଲହୋତ୍ରା ଓ ପଙ୍କଜ ଚୌଧୁରୀଙ୍କୁ ଦିଲ୍ଲୀ ଏବଂ ଉତ୍ତର ପ୍ରଦେଶର ଦଳୀୟ ମୁଖ୍ୟ କରାଯାଇଛି, ଯାହା ଦ୍ୱାରା 'ଏକ ବ୍ୟକ୍ତି ଏକ ପଦ' ନୀତି ଅନୁଯାୟୀ ସେମାନଙ୍କ ସ୍ଥାନରେ ନୂଆ ଚେହେରା ଆସିବା ସ୍ପଷ୍ଟ ହୋଇଛି। ଏହା ସହ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ଓ ବିଏଲ୍ ବର୍ମାଙ୍କ ରାଜ୍ୟସଭା କାର୍ଯ୍ୟକାଳ ଆସନ୍ତା ନଭେମ୍ବରରେ ଶେଷ ହେବାକୁ ଯାଉଛି। ଆଗାମୀ କ୍ୟାବିନେଟ୍ ସଂପ୍ରସାରଣରେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ପୁଅ ଶ୍ରୀକାନ୍ତ ସିନ୍ଦେ, ଆମ୍ ଆଦମୀ ପାର୍ଟିରୁ ଭାଜପାକୁ ଆସିଥିବା ରାଘବ ଚଢ଼ାଙ୍କ ଗୋଷ୍ଠୀର ସଦସ୍ୟ ଏବଂ ପୁନର୍ବାର ସହଯୋଗୀ ହେବାକୁ ଥିବା ଶିରୋମଣି ଅକାଲୀ ଦଳର ହରସିମରତ କୌର ବାଦଲଙ୍କ ନାମ ଚର୍ଚ୍ଚାରେ ରହିଛି। ଅମିତ ଶାହ, ଜେପି ନଡ୍ଡା, ଶିବରାଜ ସିଂହ ଚୌହାନ, ଅଶ୍ୱିନୀ ବୈଷ୍ଣବ ଏବଂ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଭଳି ୧୪ ଜଣ ବରିଷ୍ଠ କେନ୍ଦ୍ର ମନ୍ତ୍ରୀ ଏକାଧିକ ମନ୍ତ୍ରଣାଳୟର ଦାୟିତ୍ୱ ତୁଲାଉଥିବାରୁ କାର୍ଯ୍ୟଭାର ହ୍ରାସ ପାଇଁ କେତେକ ଦାୟିତ୍ୱ ନୂତନ ମନ୍ତ୍ରୀମାନଙ୍କୁ ବଣ୍ଟନ କରାଯିବ ବୋଲି ଜଣାପଡ଼ିଛି।

ବୁଧବାର, ଅଗଷ୍ଟ ୨୬, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ମାଦଳ ମହୁରୀ ଉତ୍ସବ ଉପରେ ଆଲୋଚନା ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ

ବାରିପଦା , ୨୫/୮ (ନି.ପ୍ର): ଦୂର୍ଯ୍ୟ - ସରସ୍ୱତୀ ସାଂସ୍କୃତିକ ପରିଷଦ ଓ ସୌଖିନ କଳାକାର ଆନୁକୂଲ୍ୟରେ ଚଳିତ ବର୍ଷ ୩ଦିନିଆ ମାଦଳ ମହୁରୀ ଉତ୍ସବ ଅନୁଷ୍ଠିତ ହୋଇଥିଲା ଓ ଉକ୍ତ ଉତ୍ସବରେ ଉତ୍ସବର ମୁଖ୍ୟ ଆୟୋଜକ କ୍ଷୀରୋଦ ବିହାରୀ ସିଟଙ୍କ ରଚିତ ୫ଟି ନାଟକ ମଞ୍ଚସ୍ଥ ହୋଇଥିଲା ଓ ସମସ୍ତ ନାଟକର ନିର୍ଦ୍ଦେଶକ, କଳାକାର ସଂଗୀତ ନିର୍ଦ୍ଦେଶକ ଓ ଅନ୍ୟ ସମସ୍ତଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା ଓ ଗତ ସନ୍ଧ୍ୟାରେ ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ସମସ୍ତ ନାଟକର କଳାକାର, ନିର୍ଦ୍ଦେଶକ ଓ ସହଯୋଗୀ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ପରିଷଦର ପ୍ରତିଷ୍ଠାତା ଶ୍ରୀ ସିଟ ସ୍ୱାଗତ ଅଭିଭାଷଣରେ ଉତ୍ସବକୁ ସଫଳ କରିଥିବା ସମସ୍ତ ନାଟ୍ୟସଂସ୍ଥାର ସଦସ୍ୟ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ବର୍ଷରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ଓ ଚଳିତ ବର୍ଷର ଉତ୍ସବ ଉପରେ ଉପସ୍ଥିତ ନିର୍ଦ୍ଦେଶକ ଓ କଳାକାର ମାନେ ନିଜନିଜର ମତପୋଷଣ କରିଥିଲେ ଓ ଏହି ଅବସରରେ ଉତ୍ସବର ସଫଳତା ପାଇଁ ଉଲ୍ଲେଖନୀୟ ଅବଦାନ ପାଇଁ ଅଭିନେତା ସୋମନାଥ ସିଂହ, ରାଜେଶ ଦାଶ ଓ ଜ୍ଞାନରଞ୍ଜନ ପଣ୍ଡା ଏବଂ ଉଦୀୟମାନ କଣ୍ଠଶିଳ୍ପୀ ସରନ୍ୟା ସାହୁ, ମୋନାଲିସା ସେଠି ଓ ଆଦ୍ୟାଶା ଗଜେନ୍ଦ୍ର ମହାପାତ୍ରଙ୍କୁ ଅତିଥି ୱାର୍ଡ ନଂ ୧୭ ର କାଉନସିଲର କରୁଣାକର ହେମ୍ବ୍ରମ ଓ ବାରିପଦା କଳାକାର ପରିବାରର ସଭାପତି ତଥା ବରିଷ୍ଠ ଅଭିନେତା ସନ୍ତୋଷ କୁମାର ମହାନ୍ତିଙ୍କ ହାତରେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ଓ ମୁରଲୀଧର ବେହେରା, ଅଶୋକ ପଟ୍ଟନାୟକ, ବରେନ୍ଦ୍ର ମହାନ୍ତି, ରବି ନାରାୟଣ ମହାପାତ୍ର ଓ ଅନିରୁଦ୍ଧ ଜେନା କାର୍ଯ୍ୟକ୍ରମର ପରିଚାଳନା କରିଥିବାବେଳେ ସୌଖିନ କଳାକାରର ସମ୍ପାଦକ ଅନିଲ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବନ୍ଧୁକ ଦେଖାଇ ଶିକ୍ଷୟତ୍ରୀଙ୍କ ନିକଟରୁ ମୋବାଇଲ ଲୁଟ୍



ନୀଳଗିରି, ୨୫/୮ (ନି.ପ୍ର): ନୀଳଗିରି ଥାନା ଅଧୀନ ନୟାପଟଣା ଛକରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। କାନପୁର ଗ୍ରାମର ଦେବେନ୍ଦ୍ର ପାଣିଗ୍ରାହୀଙ୍କ ଝିଅ ସାଇପ୍ରଭା ପାଣିଗ୍ରାହୀ ଟ୍ୟୁସନ ସାରି ନିଜ ଘରକୁ ଫେରୁଥିବା ବେଳେ ନୟାପାଟଣା ଛକ ନିକଟରେ ତିନି ଜଣ ଦୁବୃତ୍ତ ଗୋଟିଏ ବାଇକ୍‌ରେ ଆସି ବନ୍ଧୁକ ଦେଖାଇ ମୋବାଇଲ ଛଡାଇ ନେଇଥିଲେ। ଭୟରେ ଘଟଣା ସ୍ଥଳରେ ସାଇକେଲ ଛାଡି ଘରକୁ ଫେରିଥିଲେ ଶିକ୍ଷୟତ୍ରୀ ଜଣକ। ଇଶ୍ୱରପୁର ଫାଣ୍ଡିରେ ଅଭଯୋଗ କରିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ସନ୍ତରାଗାଡ଼ିଆ ଓ କାନପୁର ଅଞ୍ଚଳରେ ସନ୍ଧ୍ୟା ହେଲେ ଦୃବୃତ୍ତ ମାନେ ଆତଙ୍କ ଖେଳାଉଛନ୍ତି। ପୋଲିସ ପାଟ୍ରୋଲିଙ୍ଗକୁ କଡ଼ାକଡି କରିବା ସହ ଦୃବୃତ୍ତଙ୍କୁ ଧରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବାର ପକ୍ଷରୁ ଦାବି ହୋଇଛି।

## ସାର କଳାବଜାରୀ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ: ସମବାୟ ମନ୍ତ୍ରୀ

ଭୁବନେଶ୍ୱର, ୨୫/୮ (ନି.ପ୍ର): ସାର କଳାବଜାରୀ କରୁଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ସେ କହିଛନ୍ତି ଯେ ଚଳିତ ବର୍ଷ ସାର ଯୋଗାଣ ସୁରୁଖୁରୁରେ ଚାଲିଛି । ସମବାୟ ବିଭାଗ ପକ୍ଷରୁ ୨ ଲକ୍ଷ ୪୮ ହଜାର ୬୭୬ ଟନ୍ ସାର ଦିଆଯାଇଛି। 'କୃଷି ବିଭାଗ ପକ୍ଷରୁ ଆଉ ୩ ଲକ୍ଷ ୨୦ ହଜାର ଟନ୍ ସାର ଯୋଗାଇଦିଆଯିବ।

# ବାଲିଆପାଳରେ ଆଇପିଏଲ୍ ପକ୍ଷରୁ 'ପିଏମ୍ ପ୍ରଣାମ' ସଙ୍ଗୋଷ୍ଠୀ ଅନୁଷ୍ଠିତ




ବାଲିଆପାଳ , ୨୫/୮ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ରେମୁଁ ଠାରେ ମେସର୍ସ ଜଗନ୍ନାଥ ସାର ଭଣ୍ଡାର ଆନୁକୂଲ୍ୟରେ ଏବଂ ଭାରତର ସର୍ବବୃହତ ସାର ଯୋଗାଣ ସଂସ୍ଥା 'ଇଣ୍ଡିଆନ ପୋଟାସ ଲିମିଟେଡ୍' ଦ୍ୱାରା ଏକ 'ପିଏମ୍ ପ୍ରଣାମ' ସଙ୍ଗୋଷ୍ଠୀ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଚାଷୀ ସଭାରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ପ୍ରଗତିଶୀଳ ଚାଷୀ ଯୋଗ ଦେଇଥିଲେ। ଆଇପିଏଲ୍ର ବାଲେଶ୍ୱର କ୍ଷେତ୍ର ଅଧିକାରୀ ଚିରଞ୍ଜୀବୀ ନାୟକ ସମସ୍ତ ଅତିଥି ଓ ଚାଷୀ ଭାଇ ଓ ଭଉଣୀ, ମାଆ ମାନଙ୍କୁ ସ୍ୱାଗତ କରିଥିଲେ। ଏଥିସହିତ ବାଲେଶ୍ୱର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ନୀରଜ କୁମାର ଜେନା ଯୋଗଦେଇ ଏକ ବୈଷୟିକ ଅଧିବେଶନ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଭାଗ ତରଫରୁ ବାଲିଆପାଳ ଭିଏଡବ୍ଲ୍ୟୁ ଯୋଗଦେଇ 'ମାଟି ମା'ର ସୁରକ୍ଷା' ଏବଂ 'ଜୈବିକ ସାରର ବ୍ୟବହାର' ସମ୍ପର୍କରେ ନିଜର ମୂଲ୍ୟବାନ ମତାମତ ରଖିଥିଲେ। ଆଖପାଖ ଅଞ୍ଚଳରୁ ଆସିଥିବା ଚାଷୀମାନେ ଅତ୍ୟନ୍ତ ଉତ୍ସାହର ସହିତ ଏହି ସଭାରେ ସାମିଲ ହୋଇ କୃଷି କ୍ଷେତ୍ରକୁ କିପରି ଅଧିକ ସଶକ୍ତ କରାଯାଇପାରିବ, ସେ ବିଷୟରେ ଆଲୋଚନା କରିଥିଲେ। ଶେଷରେ ଆଇପିଏଲ୍ର କୃଷି ବିଜ୍ଞାନୀ ଚନ୍ଦନ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ରେମୁଁ ମେସର୍ସ ଜଗନ୍ନାଥ ସାର ଭଣ୍ଡାରର ମୁଖ୍ୟ ଜୟକୃଷ୍ଣ ବେହେରା, ପ୍ରଶାନ୍ତ ପାତ୍ର, ସୁଶାନ୍ତ ସାହୁ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଅଭିରାମ ପରମହଂସ ଦେବଙ୍କ ଗୀତାଯଜ୍ଞ



ବସ୍ତା , ୨୫/୮ (ନି.ପ୍ର): ବସ୍ତାବ୍ଲକ ମଥାନୀ ପଞ୍ଚାୟତ ସାନଖୁଡି ଜଳକାପ୍ରଜେକ୍ଟ ଠାରେ ଶ୍ରୀଶ୍ରୀ ଅଭିରାମ ପରମ ହଂସ ଦେବଙ୍କ ୪୬ବର୍ଷରୁ ଉର୍ଦ୍ଧ ଗୀତାଯଜ୍ଞ ଅନୁଷ୍ଠିତ ହୋଇ ଆସୁଅଛି । ଆଜି ପବିତ୍ର ଜଳକାନଦୀରୁ ଘଟ ଉତ୍ତୋଳନକରି ଯଜ୍ଞ ମଣ୍ଡପକୁ ଆଣି ଯାଇଥିଲେ । ଅଭିରାମ ଶାନ୍ତି କମିଟିର ସଭାପତି ଡା ଉମାକାନ୍ତ ନାୟକ, ସମ୍ପାଦକ ଦୟାନିଧି ଦେ, କୋଷାଧ୍ୟକ୍ଷ ସମ୍ଭୁନାଥପାତ୍ର, ପଣ୍ଡିତ ପ୍ରଶାନ୍ତ ପଣ୍ଡା, ରତ୍ନାକର ହାଜିରା, ରାଜେନ୍ଦ୍ର ସେଠୀ, ଅନିରୁଦ୍ଧ ପରିଡା, ଉମାକାନ୍ତ ପାତ୍ର, ଅଶ୍ଚୁତାନନ୍ଦ ଦେ, ରବିନ୍ଦ୍ର ଆଇଚ, କ୍ଷେତ୍ରମୋହନ ଆଇଚ, ପ୍ରଫୁଲ୍ଲ ସାହୁ, ଡା ଅଜୟ ବାରିକ, ଅଞ୍ଜନ ଜେନା, ଲକ୍ଷ୍ମୀଧର ସେଠୀ, ସୁରେଶ ମହାନ୍ତି, ରତ୍ନାକର ଆଇଚ, ବାପିନା ପରିଡା, ବାବୁ ଦଣ୍ଡପାଟ, ପ୍ରମୁଖ ଉପସ୍ଥିତ ରହି ଥିଲେ ଓ ପ୍ରସାଦସେବନ ବ୍ୟବସ୍ଥା ହୋଇଥିଲା ।

# ଓଡ଼ିଶାର ସ୍ୱାର୍ଥ ବିରୋଧୀ ଖଣି ଓ ଖଣିଜ ପଦାର୍ଥ ସଂଶୋଧନ ଆଇନ-୨୦୨୬କୁ ରଦ୍ଦ କରିବା ଦାବିରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ




ଭଦ୍ରକ, ୨୫/୮ (ନି.ପ୍ର): ଭାରତୀୟ ସଂବିଧାନର ସୁରକ୍ଷା, ଦେଶର ସଂଘୀୟ ଢାଞ୍ଚା , ରାଜ୍ୟମାନଙ୍କର ସାମ୍ବିଧାନିକ ଓ ଆର୍ଥିକ ଅଧିକାର, ପ୍ରାକୃତିକ ଓ ଖଣିଜ ସମ୍ପଦ ଉପରେ ଖଣିଜ ସମୃଦ୍ଧ ରାଜ୍ୟମାନଙ୍କର ନ୍ୟାୟସଙ୍ଗତ ଅଧିକାର ଏବଂ ଆଦିବାସୀ ଓ ଖଣି ପ୍ରଭାବିତ ଲୋକଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଏହି ଜନ ବିରୋଧୀ ଆଇନ ରଦ୍ଦ କରିବା ଦାବିରେ ଇଣ୍ଡିଆ ମେଣ୍ଟ ଭଦ୍ରକ ଶାଖାର ଅନ୍ତର୍ଭୁକ୍ତ ରାଜନୈତିକ ଦଳ ଭାରତୀୟ ଜାତୀୟ କଂଗ୍ରେସ, ଭାରତର କମ୍ୟୁନିଷ୍ଟ ପାର୍ଟି ( ମାର୍କ୍ସବାଦୀ) , ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ସିପିଆଇଏମଏଲ ଲିବରେସନ ପକ୍ଷରୁ ମିଳିତ ଭାବେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଦୁଇଟି ଶୋଭାଯାତ୍ରା ଗୋଟିଏ କଂଗ୍ରେସ ଜିଲ୍ଲା କାର୍ଯ୍ୟାଳୟରୁ ଓ ଅନ୍ୟ ଶୋଭାଯାତ୍ରା ବନ୍ତ ଛକ ଠାରୁ ବାହାରି ସହର ପରିକ୍ରମା କରି ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଖଣି ଓ ଖଣିଜ ପଦାର୍ଥ (ବିକାଶ ଓ ନିୟମାବଳୀ) ସଂଶୋଧନ ଆଇନ-୨୦୨୬ ଦେଶର ଖଣିଜ ସମ୍ପଦର ପରିଚାଳନା, ରାଜ୍ୟମାନଙ୍କର ରାଜସ୍ୱ ଅଧିକାର, ସଂଘୀୟ ଢାଞ୍ଚା ଏବଂ ଖଣି ପ୍ରଭାବିତ ଅଞ୍ଚଳର ସାମାଜିକ ଓ ପରିବେଶୀୟ ସୁରକ୍ଷା ଉପରେ ଦୂରଗାମୀ ପ୍ରଭାବ ପକାଇବାର ଆଶଙ୍କା ରହିଛି। ଏହା କେବଳ ଏକ ଖଣି ଆଇନର ପ୍ରଶାସନିକ ସଂଶୋଧନ ନୁହେଁ, ଏହାର କେତେକ ବ୍ୟବସ୍ଥା ରାଜ୍ୟମାନଙ୍କର ସାମ୍ବିଧାନିକ କ୍ଷମତା ଓ ଆର୍ଥିକ ସ୍ୱାୟତ୍ତତାକୁ ପ୍ରଭାବିତ କରିବା ସହିତ ଖଣିଜ ସମ୍ପଦ ଉପରେ କେନ୍ଦ୍ରୀୟ ନିୟନ୍ତ୍ରଣକୁ ଅଧିକ ସୁଦୃଢ଼ କରିବ।ଏହି ପରିପ୍ରେକ୍ଷିରେ, ଆଇନଟିକୁ ଏହାର ବର୍ତ୍ତମାନ ରୂପରେ ରଦ୍ଦ କରିବା ଜରୁରୀ ବୋଲି ବିକ୍ଷୋଭ ରେ ଯୋଗ ଦେଇଥିବା ଇଣ୍ଡିଆ ମେଣ୍ଟ ର ନେତୃତ୍ୱ ପ୍ରକାଶ କରିଥିଲେ । ଏହି କଳା ଆଇନକୁ ତୁରନ୍ତ ରଦ୍ଦ କରିବା ପାଇଁ ଇଣ୍ଡିଆ ମେଣ୍ଟ ର ନେତୃତ୍ୱ ଦାବି କରିଥିଲେ । ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି ଙ୍କୁ ପାଖକୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଜାତୀୟ କଂଗ୍ରେସ ଜିଲ୍ଲା ସଭାପତି ନଳିନୀକାନ୍ତ ମହାନ୍ତି, ସିପିଆଇଏମ ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ସିପିଆଇ ଜିଲ୍ଲା ସଂପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ସିପିଆଇଏମଏଲ ଲିବରେସନ ଜିଲ୍ଲା ସଂପାଦକ ସମର ବଳଙ୍କ ମିଳିତ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ସିପିଆଇଏମ ର ବରିଷ୍ଠ ନେତା ଚନ୍ଦ୍ରଶେଖର ନାୟକ, ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ସିପିଆଇ ନେତା ରମେଶ ଜେନା, ଅନନ୍ତ ମହାନ୍ତି, ସିପିଆଇଏମଏଲ ଲିବରେସନ ନେତ୍ରୀ ଜୟନ୍ତୀ ବିଶ୍ୱାଳ , କଂଗ୍ରେସ ନେତା ଦେବେନ୍ଦ୍ର ମହାନ୍ତି, ମହମ୍ମଦ ମୋକିମ, ସିପିଆଇ(ଏମ) ନେତା ରାଧାନାଥ ଦାସ, ଗିରିଧାରୀ ନାଥ, ମଳୟ ଭୋଇ, ବିଷ୍ଣୁ ଦାଶ, ପ୍ରଫୁଲ୍ଲ ପାଢୀ, ପ୍ରଭାସ ମହାପାତ୍ର, ଜୟନୂଲ ଆବେଦିନ, କଂଗ୍ରେସ ନେତା ସତ୍ୟାନନ୍ଦ ରାଉତ, ଶୁଭାଶିଷ ମଲ୍ଲିକ, ବିଦ୍ୟାଧର ରାଉତ, ମହିଳା ନେତ୍ରୀ ସୁରଜିତା ନାୟକ, ଶର୍ମିଷ୍ଠା ପଣ୍ଡା, ଦେବେନ୍ଦ୍ର ମହାନ୍ତି, ପିତବାସ ଧଳ, ବିଜୟ ବାରିକ୍, ପ୍ରଦ୍ୟୁମ୍ନ ଦାସ, ଅଭିଷେକ ରାଉତ, ସିପିଆଇ ନେତା ବିମ୍ବାଧର ନାରାୟଣ ତ୍ରିପାଠୀ, ହରିହର ବେହେରା, ଦିଲିପ ନାୟକ, ମନୋରଞ୍ଜନ ରାଉତ, ଅବଦୁଲ ମୁକିତ୍ ଖାନ୍, କଲିମୁଦ୍ଦିନ ଖାନ୍, ଗୋଲେଖ ଚନ୍ଦ୍ର ବେହେରା, କଂଗ୍ରେସ ନେତା ଇଲିଆସ ଅଲ୍ଲୀ ଖାନ୍ ପ୍ରମୁଖ ଯୋଗଦେଇ ଏହି କଳା ଆଇନକୁ ତୁରନ୍ତ ରଦ୍ଦ କରିବାକୁ ସଭା ମାଧମରେ କେନ୍ଦ୍ର ସରକାର ଙ୍କ ନିକଟରେ ଦାବି କରିଥିଲେ ।

# ଘୋଡ଼ାଗାଧୁଆ ଅଙ୍ଗନୱାଡ଼ିର ସମସ୍ୟା : ବାରଣ୍ଡାରେ ଚାଲିଛି କେନ୍ଦ୍ର, ରୋଷେଇ ଓ ପାଇଖାନାଗୃହ ମଧ୍ୟ ନାହିଁ

ଉଦଳା, ୨୫/୮ (ନି.ପ୍ର): କପ୍ତିପଦା ବ୍ଲକର ପଦ୍ମପୋଖରି ପଂଚାୟତ ଅନ୍ତର୍ଗତ ଘୋଡ଼ାଗାଧୁଆ ଗ୍ରାମରେ ଥିବା ଅଙ୍ଗନୱାଡ଼ିକେନ୍ଦ୍ରର ସମସ୍ୟା ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟିଯାଇଛି । ଅଙ୍ଗନୱାଡ଼ି ପାଇଁ ସ୍ୱତନ୍ତ୍ର ଗୃହ ନଥିବାରୁ ଏହା ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟର ବାରଣ୍ଡାରେ ଚାଲିଛି । ଏଥିପାଇଁ ବର୍ଷା ସମୟରେ ପିଲାଙ୍କୁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ସେହିପରି ପିଲାଙ୍କୁ ନିୟମିତ ରନ୍ଧାଖାଦ୍ୟ ଦେବା ପାଇଁ ରୋଷେଇଘର ମଧ ନାହିଁ । ବିଦ୍ୟାଳୟ ପାଇଁ ଥିବା ରୋଷେଇଘରେ ବାଧ ହୋଇ ରୋଷେଇ କରିବାକୁ ପଡୁଛି । ଗୋଟିଏ ରୋଷେଇଘରେ ଏଥିପାଇଁ ୨ଟି ଚୁଲି ଜଳୁଛି । ପାଣିପାଇଁ କୌଣସି ବ୍ୟବସ୍ଥା ନଥିବାରୁ ବିଦ୍ୟାଳୟର ନଳକୂପ ଉପରେ ନିର୍ଭର କରିବାକୁ ପଡୁଛି । ପାଇଖାନା ନଥିବାରୁ ଛାତ୍ର ଛାତ୍ରୀ ଓ କର୍ମଚାରି ସମସ୍ତଙ୍କୁ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ବିଭାଗୀୟ କତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବହୁ ସ୍ୱେଚ୍ଛାସେବି ସଂଗଠନ ଅନୁରୋଧ ଜଣାଇଛନ୍ତି ।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2026-27
B.Sc. Nursing
Eligibility: (4 Years Degree Course)
+2 Science with Biology
(Mark 45% & 40% for SC/ST Students)



100% Placement
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE
Eligibility : +2 Arts/ Science/ Commerce
A.N.M. 2 YEARS COURSE
(Mark 40% & 35% for SC/ST Students)
Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681

# ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଅଧିନିୟମ ଉପରେ ଏକଦିବସୀୟ କର୍ମଶାଳା



ଭଦ୍ରକ, ୨୫/୦୮/୨୦୨୬: ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ, ଭଦ୍ରକ ପକ୍ଷରୁ ଆଜି ପୂର୍ବାହ୍ନ ୧୦ଟା ୩୦ମିନିଟ୍ ସମୟରେ ଜିଲ୍ଲା ସଂସ୍କୃତି ଭବନ, ଭଦ୍ରକଠାରେ 'ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଅଧିନିୟମ-୨୦୦୫' ଉପରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସଂଗୀତା ପାଢୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ସେ ପ୍ରଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇବା ସହ ମହିଳାମାନଙ୍କ ସୁରକ୍ଷା ଓ ଅଧିକାର ଉପରେ ଆଲୋକପାତ କରିଥିଲେ। ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଅଧିନିୟମ-୨୦୦୫ର ବ୍ୟବସ୍ଥାଗୁଡ଼ିକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଏବଂ ପୀଡ଼ିତ ମହିଳାମାନଙ୍କୁ ଆବଶ୍ୟକ ସହାୟତା ଓ ସୁରକ୍ଷା ଯୋଗାଇଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କନକଲତା ସାହୁ, ଆରକ୍ଷୀ ଅଧିକ୍ଷକଙ୍କ ପ୍ରତିନିଧି ମୋନାଲିସା କର ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ପ୍ରତିନିଧି ବାନିଶିଖା ବିଶ୍ୱାଳ ଯୋଗଦେଇ ଏଭଳି ପ୍ରଶିକ୍ଷଣର ଆବଶ୍ୟକତା ଓ ଅନିବାର୍ଯ୍ୟତା ସମ୍ପର୍କରେ ମତପୋଷଣ କରିଥିଲେ।ସମ୍ବଳ ବ୍ୟକ୍ତି ଭାବେ ଭଦ୍ରକ ଓକିଲ ସଂଘର ବରିଷ୍ଠ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଏବଂ ପ୍ରଫୁଲ୍ଲ ସାମଲ ଯୋଗଦେଇ ଘରୋଇ ହିଂସା ମାମଲାର ଆଇନଗତ ଦିଗ, ପୀଡ଼ିତାଙ୍କ ଅଧିକାର ଓ ଆଇନ ଅନୁଯାୟୀ ଉପଲବ୍ଧ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପ୍ରଶିକ୍ଷାର୍ଥୀ ମାନଙ୍କୁ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ।ଏହି ପ୍ରଶିକ୍ଷଣରେ ବ୍ଲକସ୍ତରୀୟ ମିଶନ ଶକ୍ତି ମହାସଂଘର ସଭାନେତ୍ରୀ ଓ ସମ୍ପାଦିକା, ସମସ୍ତ ବ୍ଲକର ସରପଞ୍ଚ, ସଖୀ ୱାନ୍ ଷ୍ଟପ୍ ସେଣ୍ଟରର କେନ୍ଦ୍ର ପ୍ରଶାସକ ଏବଂ ଶକ୍ତି ସଦନର ଅଧୀକ୍ଷକମାନେ ଯୋଗ ଦେଇଥିଲେ। ଘରୋଇ ହିଂସାର ସମାଧାନ ପାଇଁ କ୍ଷେତ୍ରସ୍ତରରେ ଆବଶ୍ୟକ ବ୍ୟବହାରିକ ଦୃଷ୍ଟିକୋଣ ଏବଂ ନିଜ ନିଜ ଦାୟିତ୍ୱ ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ରର କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ସବିତା ବେହେରା କର୍ମଶାଳାକୁ ସୁଚାରୁରୂପେ ସମ୍ପାଦନ କରିଥିଲେ।

# ବନ୍ୟା କାର୍ଯ୍ୟରେ ଅବହେଳା ପାଇଁ ଚାନ୍ଦବାଲି ବ୍ଲକର ପିଇଓ ରଘୁନାଥ ମାଝୀ ନିଲମ୍ବିତ

ଭଦ୍ରକ, ୨୫/୮ (ନି.ପ୍ର): ଭଦ୍ରକ ଜିଲ୍ଲାରେ ବନ୍ୟା ପରିଚାଳନା କାର୍ଯ୍ୟରେ ଅବହେଳା ଅଭିଯୋଗରେ ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜିଲ୍ଲାପାଳ ନିଲମ୍ବନ କରିଛନ୍ତି। ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ନନ୍ଦପୁର ଗ୍ରାମ ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ରଘୁନାଥ ମାଝୀଙ୍କୁ ବନ୍ୟା କାମରେ ଅବହେଳା ପାଇଁ ଜିଲ୍ଲାପାଳ ଶ୍ରୀ ସୋମେଶ କୁମାର ଉପାଧ୍ୟାୟ ନିଲମ୍ବିତ କରିଛନ୍ତି। ନିଲମ୍ବନ ଅବଧିରେ ଶ୍ରୀ ମାଝୀଙ୍କ ମୁଖ୍ୟାଳୟ ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟ, ଭଦ୍ରକ ରହିବ ଏବଂ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ।

# ସାମାଜିକ ସୁରକ୍ଷାରୁ ବଂଚିତ 'ବେଲମଣି'

ଉଦଳା , ୨୫/୮ (ନି.ପ୍ର): ଉଦଳା ବ୍ଲକର କୋଚିଲାଡ଼ିହା ପଂଚାୟତ ଅନ୍ତର୍ଗତ ଧୁଳିନ୍ଦା ଗ୍ରାମର ବାସିନ୍ଦା ନନ୍ଦ ଦେହୁରିଙ୍କ ସହଧର୍ମିଣୀ ବେଲମଣି ଦେହୁରୀ ସାମାଜିକ ସୁରକ୍ଷାରୁ ବଂଚିତ ଥିବାର ଜଣାଇଛନ୍ତି । ଆଧାରକାର୍ଡ଼ରେ ଉଲ୍ଲେଖ ଥିବା ଜନ୍ମତାରିଖ ଅନୁସାରେ ବେଲମଣିଙ୍କୁ ବର୍ତମାନ ବୟସ ୬୪ ବର୍ଷ ଛୁଇଁଲା । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ବେଲମଣି ବୟସ ଅଧିକ ହୋଇ ଯାଇଥିବାରୁ ଆଉ ଆଗଭଳି କାମକରି ପାରୁ ନାହାଁନ୍ତି । ଫଳରେ ସେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା କହିଛନ୍ତି । ତେବେ ଏଥିପାଇଁ ସେ ପଂଚାୟତ କାର୍ଯ୍ୟଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ କରିଛନ୍ତି । ବିଭାଗୀୟ କତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida